## ସଂକ୍ଷେପରେ



### ୧୦୦୧ ଦୀପଦାନ କଲେ ଶ୍ରଦ୍ଧାଳୁ

**କଲ୍ୟାଣସିଂହପୁର, ୧୭।୧୦ (ଡ଼ି.ଏନ.ଏ):** ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ଗ୍ରାମ ସଦର ମହକୁମାରେ ଧୁମ୍‌ଧାମ୍‌ରେ ପାଳିତ ହୋଇଛି ମା' ଗଜଲକ୍ଷ୍ମୀ ପୂଜା । ୧୧ ଦିନ ଧରି ଆୟୋଜିତ ଏହି ପୂଜାରେ ଗୁରୁବାର ୧୦୦୧ ଦୀପଦାନ କରାଯାଇଛି। ସୁସଜ୍ଜିତ ମେଢ ସାଙ୍ଗକୁ ରଙ୍ଗିନ ଆଲୋକରେ ଝଲସି ଉଠିଛି ଶିକରପାଇ ଗ୍ରାମ । ପୂଜା କମିଟି ପକ୍ଷରୁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ବୁଗି ବୁଗି ନାଟ୍ୟ ପ୍ରତିଯୋଗିତାରେ ଜେକେପୁର କୁରୁମପେଟାର ଆଲୁ ଅର୍ଜୁନ ଡ୍ୟାନ୍ସ ଗ୍ରୁପର କଳାକାରମାନେ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ । ଶୁକ୍ରବାର ମା'ଙ୍କ କୁଙ୍କୁମ ପୂଜା କରାଯିବ ।

### ମଦ୍ୟପାନ କରି ଗାଡ଼ି ଚଲାଇ ୩ ଗିରଫ



**ରାୟଗଡ଼ା ଅଫିସ,୧୭।୧୦:** ସ୍ଥାନୀୟ ଏମ୍‌ଆଇ ଡ଼ିଭିଜନ କାର୍ଯ୍ୟାଳୟ ନିକଟରେ ବୁଧବାର ରାତିରେ ପୋଲିସ ମଦ୍ୟପାନ କରି ଗାଡ଼ି ଚଲାଉଥିବା ୩ ଜଣଙ୍କୁ ଗିରଫ କରି ଛି । ସେମାନେ ହେଲେ ଶଙ୍କର ମାଝି (୪୦), ପି .ରାବଣା (୪୦), ଏ ରାଜୁ (୩୩) । ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ଏନେଇ ଏକ ମାମଲା(ନଂ ୧୯୬/୧୯) ରୁଜୁ କରାଯାଇଛି । ରାତିରେ ଟ୍ରାଫିକ ପୋଲିସ ଇନ୍ସପେକ୍ଟର ଇନ୍‌ଚାର୍ଜ ପି .ରାବଣାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ମଦ୍ୟପାନ କରି ଗାଡ଼ି ଚଲାଉଥିବାରୁ ୩ ଜଣଙ୍କୁ ଗିରଫ କରାଯାଇଛି ।

### ମହିଳାଙ୍କଠାରୁ ସୁନାଚେନ୍ ଝାମ୍ପି ନେଲେ ଦୁର୍ବୃତ୍ତ

**ରାୟଗଡ଼ା ଅଫିସ,୧୭।୧୦:** ଜଣେ ମହିଳାଙ୍କଠାରୁ ସୁନା ଚେନ ଝାମ୍ପିନେଲେ ଦୁର୍ବୃତ୍ତ । ରାୟଗଡ଼ା ବ୍ୟାଙ୍କ କଲୋନି ୩ୟ ଲାଇନରେ ଗୁରୁବାର ଦୁର୍ବୃତ୍ତମାନେ ଜି . ମାଙ୍ଗେୟାମା ନାମକ ଜଣେ ମହିଳାଙ୍କଠାରୁ ଚେନ୍ ଲୁଟି ନେଇଛନ୍ତି । ସେ ବଜାରରୁ କ୍ଷୀର ନେଇ ଆସୁଥିବା ସମୟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ମୁହଁ ଘୋଡ଼ାଇ ଆସି ତାଙ୍କୁ ଧକ୍‌କା ଦେବା ସହ ୫ ତୋଳାର ଚେନକୁ ଛଡ଼ାଇ ନେଇଥିଲେ । ଏହାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଏନେଇ ମହିଳାଙ୍କ ପରିବାର ପକ୍ଷରୁ ଏକ ମାମଲା (୨୭୩/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ନିହାର ରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି ।

### ଆଜି ଆଇନଜୀବୀଙ୍କ କୋର୍ଟ ବର୍ଜନ

**ରାୟଗଡା ଅଫିସ, ୧୭।୧୦ :** ଓଡ଼ିଶା ହାଇକୋର୍ଟରେ ବିଚାରପତିମାନଙ୍କ ନିଯୁକ୍ତିକୁ ବିରୋଧ କରି ରାୟଗଡା ଓକିଲ ସଂଘର ସଦସ୍ୟମାନେ ଶୁକ୍ରବାର କୋର୍ଟ ବର୍ଜନ କରିବା ନେଇ ନିଷ୍ପତ୍ତି ନେଇଛନ୍ତି । ଓଡିଶା ହାଇକୋର୍ଟ ବାର ଆସୋସିଏଶନର ଆହ୍ୱାନକୁ ସମର୍ଥନ କରି ଏହି ନିଷ୍ପତ୍ତି ନିଆଯାଇଥିବା ରାୟଗଡା ଆଇନଜୀବୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ନ୍ୟାଶନାଲ ଜୁଡ଼ିସିଆଲ ଆପଏଣ୍ଟମେଣ୍ଟ କମିଶନ ଦ୍ୱାରା ପଲିଜିୟମ ପଦ୍ଧତିରେ ହାଇକୋର୍ଟରେ ବିଚାରପତି ଙ୍କୁ ନିଯୁକ୍ତି ଦିଆଯାଇଥିବା ବିଷୟକୁ ଓଡିଶା ହାଇ କୋର୍ଟ ବାର ଆସୋସିଏଶନ ସଂଘ ବିରୋଧ କରିଛି । ଏହି ନିଯୁକ୍ତି ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ବୋଲି କହିବା ସହ ଶୁକ୍ରବାର ସକାଳ ୧୦ ରୁ ସନ୍ଧ୍ୟା ୫ଟା ଯାଏଁ କୋର୍ଟ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ରାୟଗଡା ବାର ଆସୋସିଏଶନ ସଭାପତି ବ୍ରଜ ସୁନ୍ଦର ନାୟକ, ସାଧାରଣ ସମ୍ପାଦକ ପଦ୍ମନାଭ ଦାଶଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ ।

■ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ

# ପ୍ରତିଯୋଗୀଙ୍କୁ ଦିଆଗଲା ମଧ୍ୟାହ୍ନଭୋଜନ

**ବିଷମକଟକ,୧୭।୧୦**

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ବିକାଶ ସାଙ୍ଗକୁ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ କଳାର ବିକାଶ ନିମନ୍ତେ ବିଭିନ୍ନ ଯୋଜନାମାନ ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଏହାର ସୁଫଳ ପାଇ ପାରୁନାହାନ୍ତି ଯୋଗ୍ୟ ଛାତ୍ରୀଛାତ୍ର। ନାମକୁ ମାତ୍ର ଉକ୍ତ ଯୋଜନା ପ୍ରଣୟନ କଲାଭଳି କାଗଜପତ୍ର ପ୍ରସ୍ତୁତ କରି ସମସ୍ତ ଟଙ୍କାକୁ ବିଭାଗୀୟ ଅଧିକାରୀମାନେ ହରିଲୁଟ କରୁଛନ୍ତି । ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲା ବିଷମକଟକ ବ୍ଲକରେ ଆୟୋଜିତ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ।

■୧୬ ବିଦ୍ୟାଳୟର ୪୦ ପ୍ରତିଯୋଗୀ | ■ପଞ୍ଜୀକରଣ ଖାତାରେ ଦର୍ଶାଗଲା ୮୭



ପ୍ରତିଯୋଗୀ ମଧ୍ୟାହ୍ନଭୋଜନ ଖାଉଛନ୍ତି ।

ବିଷମକଟକ ବ୍ଲକର ଚାଅଁଡାଗୁଡା କ୍ଲଷ୍ଟର ପରିଛାଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କ୍ଲଷ୍ଟର ଅଧୀନରେ ୧୬ଟି ବିଦ୍ୟାଳୟ ରହିଥିବା ବେଳେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ମାତ୍ର ୪୦ଛାତ୍ର ଛାତ୍ରୀ । କିନ୍ତୁ ପଞ୍ଜୀକରଣ ଖାତାରେ ୮୭ ଛାତ୍ରୀଛାତ୍ରଙ୍କ ନାମ ଉଲ୍ଲେଖ କରାଯାଇଛି । ଛାତ୍ରୀଛାତ୍ର ପଞ୍ଜୀକରଣ ତାଲିକାରୁ ହିଁ ଆରମ୍ଭ ହୋଇଛି ଅନିୟମିତତା । କେବଳ ସେତିକି ନୁହେଁ, ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇଛି । ସୁରଭି କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ସରକାର ପାଣ୍ଠି ଯୋଗାଇ ଦେଉଥିବା ବେଳେ ତାହାକୁ ଖର୍ଚ୍ଚ ନ କରି କେଉଁ ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । କାର୍ଯ୍ୟକ୍ରମରେ ୪୦ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ପଞ୍ଜୀକରଣ ଖାତାରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ନାମ ଦର୍ଶାଇବା ପଛରେ କି ଉଦ୍ଦେଶ୍ୟ ରହିଛି ତାହା ତଦନ୍ତ ସାପେକ୍ଷ। ଏନେଇ ସିଆରସିସି ରାମକୃଷ୍ଣ ଆଚାର୍ଯ୍ୟଙ୍କୁ ପଚାରିବାରୁ, ସେ କୌଣସି ଉତ୍ତର ଦେଇ ନ ଥିଲେ। ଉକ୍ତ ସୁରଭି କାର୍ଯ୍ୟକ୍ରମରେ ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର,କୁଇଜ୍‌ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ମନୋନୀତ ହୋଇଛନ୍ତି। ଏଥିରେ ଶିକ୍ଷକ ଗୋପ ଗୋବିନ୍ଦ ସାହୁ, ପି.କେ.ରାଜୁ,ପ୍ରତିମା ଶବର, ମିନାକ୍ଷୀ ପଟ୍ଟନାୟକ,ମୂରଲି ବେହେରା, କମଳା କାନ୍ତ ସାହୁ, ପୁରୁଷୋତ୍ତମ ବାରିକ, ସସ୍ମିତା ମାଣ୍ଡିକା ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ପରିଚାଳନା କରିଥିଲେ ।



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଙ୍କ ତୁଣ୍ଡକୁ ପାନ ଗଲା**
**ପାନ କହିଲା ମୋ ଜୀବନ ଗଲା ।**

ଯିଏ ଭଲକି ଦି'ମୁଠା ଖାଇବାକୁ ପାଉ ନ ଥାଏ ସେ ଖାଇବା ଜିନିଷ ଦେଖିଲା ମାତ୍ରକେ ଖାଇବାକୁ ବ୍ୟାକୁଳ ହୋଇଉଠେ। ସମୟ ଓ ପରିମାଣ ଜ୍ଞାନ ଭୁଲି ଯାଇଥାଏ। ସେହିପରି ଯିଏ କେବେ ପାନ ଖାଏନାହିଁ, ସେ ନୂଆକରି ପାନ ଖିଲେ ପାଟିରେ ପୂରେଇଲେ ଛେଳି ଚୋବେଇବା ଭଳି ପାକୁଳି କରି ଚୋବେଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ରଙ୍ଗିଆ ରସିଲା ରାଇକି;**
**ସାଆନ୍ତ ରସିଲା ବଡ଼ଗୁଡ଼ୀ ମୁହାଁ,**
**ବିଭା ହେଲେ ଦିହେଁ ଦିହିକି ।**

ଯିଏ ଯାହାକୁ ଭଲପାଏ ସେ ତା' ମନରେ ଘର କରିଯାଏ। ପ୍ରେମ ହେଉଛି ଦୁଇ ମନ ଓ ହୃଦୟର ମିଳନ। ଉଭୟେ ଉଭୟ ପ୍ରତି ଯେତେବେଳେ ସମର୍ପିତ ସେତେବେଳେ ଆଉ କାହାର ଆପତ୍ତି କରିବାର ମାନେ କିଛି ରହି ନ ଥାଏ। ଉଭୟ ପରସ୍ପର ପ୍ରତି ସମର୍ଥନ ତଥା ସମ୍ମତି ଜ୍ଞାପନ କରୁଥିବା ବେଳେ ସେଠାରେ ଅନ୍ୟର ସମର୍ଥନ ପାଇଁ ଅପେକ୍ଷା କରିବାର କୌଣସି ପ୍ରୟୋଜନ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଧୁମଧାମରେ ଚାଲିଛି ଗଜଲକ୍ଷ୍ମୀ ପୂଜା

**ଗୁଣପୁର,୧୭।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ପୂଜା ମଣ୍ଡପରେ ଧୁମ୍‌ଧାମ୍‌ର ସହ ମା' ଗଜଲକ୍ଷ୍ମୀଙ୍କ ପୂଜା ଚାଲୁ ଚାଲିଛି । ଗୁରୁବାର ମା'ଙ୍କ ପୂଜା ୫ମ ଦିନରେ ପହଁଚିଛି । ପୂଜା ମଣ୍ଡପଗୁଡିକରେ ମା'ଙ୍କ ଦର୍ଶନ ଲାଗି ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ମରାଠୀଗୁଡାଠାରେ ଅନୁଷ୍ଠିତ ପୂଜା ୯ ଦିନ ବ୍ୟାପୀ ଚାଲୁ ରହିବ । ବୃନ୍ଦାବତୀ ବାବୁଲନି ନଗର, ଷ୍ଟେଶନ ରୋଡ ଏବଂ ପୁରୁଣା ଗୁଣପୁର ପାଇକସାହିଠାରେ ମା'ଙ୍କ ପୂଜା ୭ ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି । ବିଭିନ୍ନ ପୂଜା ମଣ୍ଡପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମରାଠୀଗୁଡା ପୂଜା କମିଟି ପକ୍ଷରୁ ବୁଧବାର ବ୍ରହ୍ମପୁରର କଳାକାରମାନଙ୍କୁ ନେଇ ମେଲୋଡି କାର୍ଯ୍ୟକ୍ରମ ହୋଇଥିବାବେଳେ ଗୁରୁବାର ଭକ୍ତି ନୈବେଦ୍ୟ ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ସେହିପରି ପୂର୍ବାହ୍ନରେ ମା'ଙ୍କ ପୂଜାମଣ୍ଡପରେ କୁଙ୍କୁମ ପୂଜା ହୋଇଥିଲା । ଶୁକ୍ରବାର ଖୋଲା ପ୍ରଶ୍ନମଞ୍ଚ, ଶନିବାର ଭବାନୀପାଟଣା କଳାକାରମାନଙ୍କୁ ନେଇ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ବାଣିଜ୍ୟମେଳାରେ ମଧ୍ୟ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି ।



ମରାଠୀଗୁଡା ଗଜଲକ୍ଷ୍ମୀ ପୂଜା ମଣ୍ଡପରେ କୁଙ୍କୁମ ପୂଜା ଚାଲିଛି ।

## କୃଷକ ତାଲିମ ଶିବିର

**ଚନ୍ଦ୍ରପୁର, ୧୭।୧୦ (ଡି.ଏନ୍.ଏ.)**

ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତ ବୋରିଖାଲ ଗ୍ରାମ ଆମ୍ବତୋଟାରେ କୃଷି ବିଭାଗ ତରଫରୁ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫସଲରେ କୀଟନାଶକ ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ କୀଟନାଶକ ପ୍ରୟୋଗ ସମୟରେ ସତର୍କତା, ଗୁଣବତ୍ତା, ଚାଷୀମାନେ ଯେପରି ନିରାପଦରେ ଏହା ବ୍ୟବହାର କରିପାରିବେ ସେ ନେଇ ଡାଙ୍ଗସୋରଡା ପଞ୍ଚାୟତର କୃଷି ଅଧିଦର୍ଶକ ରଜନୀ ମିଶ୍ର ଚାଷୀମାନଙ୍କୁ ବୁଝାଇଥିଲେ। ଚାଷୀ ଯେପରି ସହଜରେ ଏହାର ବ୍ୟବହାର ବିଧି ସମ୍ପର୍କରେ ବୁଝିପାରିବେ ସେନେଇ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଏଥିରେ କୃଷି ବିଭାଗର ବିଏଲ୍‌ଟିଏ ବିଶ୍ୱଲାଲ ଭୁଜବଳ, ଅଗ୍ରଣୀ ମହିଳା ଚାଷୀ ଗୋଲାପୀ ମାଝି, ସୁଦାମ ପ୍ରଧାନୀ, ରେଲି ପ୍ରଧାନୀ, ସରପଞ୍ଚ ଧାନୁ ମାଝି ଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# ମାନସିକ ବିକୃତ ଯୁବକଙ୍କୁ ଚିକିତ୍ସା ପାଇଁ ପଠାଗଲା



ଟଙ୍କଧରଙ୍କ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ।

**ପଦ୍ମପୁର,୧୭।୧୦(ଡି.ଏନ୍.ଏ.)**

**ଧରିତ୍ରୀ ପ୍ରଭାବ**

ମା' ବାପା ଚାଲିଯିବା ଦୁଃଖରେ ମାନସିକ ଭାରସାମ୍ୟ ହରାଇଥିବା ମେଧାବୀ ଯୁବକ ଟଙ୍କଧର ବିଡ଼ିକାଙ୍କୁ ଚିକିତ୍ସା ଲାଗି ଚିକିତ୍ସାଳୟକୁ ପଠାଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ପକ୍ଷରୁ ଟଙ୍କଧରଙ୍କୁ ପ୍ରଥମେ ପଦ୍ମପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।ସେଠାରେ ମାନସିକ ରୋଗ ଚିକିତ୍ସା ବିଭାଗରେ ଏକ ଡ଼ାକ୍ତରୀ ଦଳ ଉକ୍ତ ଯୁବକଙ୍କ ଚିକିତ୍ସା କରୁଛନ୍ତି । ସେ ଚିକିତ୍ସାଳୟରେ ୧୦ ଦିନ ଧରି ଚିକିତ୍ସିତ ହେବା ପରେ ସୁସ୍ଥ ହୋଇପାରିବେ ବୋଲି ଡ଼ାକ୍ତରମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ରାଡୁ ଗ୍ରାମରେ ଟଙ୍କଧରଙ୍କ ଘର । ସେ ଜଣେ ମେଧାବୀ ଛାତ୍ର ଥିଲେ । ତାଙ୍କର ବାପା ଓ ମା'ଙ୍କ ମୃତ୍ୟୁ ପରେ ସେ ମାନସିକ ଭାରସାମ୍ୟ ହରାଇ ଗାଁରେ ଏଣେତେଣେ ବୁଲୁଥିଲେ । କିଛି ଦିନ ତଳେ ଉକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟମାନେ ତାଙ୍କୁ ଆଣି ସଫା ସୁତରା କରିବା ସହ ନୂଆ ପୋଷାକ ପିନ୍ଧାଇଥିଲେ । ଏ ନେଇ ଏକ ଖବର ଗତ ମାସ ୩୦ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା । ପରେ ଆଦର୍ଶ ସଂଗଠନର ସଦସ୍ୟମାନେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ଟଙ୍କଧରଙ୍କ ଚିକିତ୍ସା କରାଇବା ପାଇଁ ଅନୁରୋଧ କରିଥିଲେ । ଜିଲାପାଳଙ୍କ ହସ୍ତକ୍ଷେପ ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ତାଙ୍କର ଚିକିତ୍ସା କରାଯାଉଛି ।

# ତୁରେଇଘାଟି-କେସକଟା ରାସ୍ତା ମରଣଯନ୍ତା

**ଟିକିରି, ୧୭।୧୦ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ ଅଧୀନ ତୁରେଇ ଘାଟି ଓ କସକଟା ଗ୍ରାମକୁ ଯିବା ରାସ୍ତା ମରଣଯନ୍ତା ପାଲଟିଛି। ପଞ୍ଚାୟତ ସଦରଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଏହି ଗ୍ରାମକୁ ଯିବାକୁ ହେଲେ ଖାଲଖମା , ପାହାଡିଆ ପାଣି କାଦୁଅ ରାସ୍ତା ଦେଇ ଯିବାକୁ ପଡିଥାଏ । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ଆମ କଥା ଶୁଣୁ ନ ଥିବା ତୁରେଇଘାଟି ଓ କେସକଟା ଗ୍ରାମର ଗୋପାଳ ବିଶୋଇ, ଖଗପତି ବିଶୋଇ, ତୁଳାରାମ ଝୋଡିଆ, ରାମ ଝୋଡିଆ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେବଳ ଏହି ରାସ୍ତା ନୁହେଁ ବ୍ଲକର ଘୁମୁଡିମାଣ୍ଡି, ଡରେଇଘାଟି, ସିସୁଦାଶ ତେନ୍ତୁଳିପଦର ଭଳି ଅନେକ ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ପକ୍କା ରାସ୍ତାଟିଏ ନିର୍ମାଣ କରାଯାଇ ନାହିଁ।



ଶୋଚନୀୟ ହୋଇପଡିଥିବା ରାସ୍ତା ।

## ୨୫ରେ ମାଓବାଦୀଙ୍କ ବନ୍ଦ ଡାକରା

**ରାୟଗଡା ଅଫିସ, ୧୭।୧୦**

ସରକାରଙ୍କ ମାଓବାଦୀ ଦମନ କୁ ବିରୋଧ କରି ମାଓବାଦୀମାନେ ଆସନ୍ତା ୨୫ ତାରିଖରେ ଓଡିଶା ବନ୍ଦ ଡ଼ାକରା ଦେଇଛନ୍ତି। ସିପିଆଇ ମାଓବାଦୀ ସଂଗଠନ ପକ୍ଷରୁ ଏହି ଡ଼ାକରା ଦିଆଯାଇଛି । ଏ ନେଇ ବଂଶଧାରା ଘୁମୁସର ନାଗାବଳୀ ଡିଭିଜନର ସମ୍ପାଦିକା ମାଓବାଦୀ ନେତ୍ରୀ ମିତା ଏକ ଅଡିଓ ଟେପ ଜାରି କରିଛନ୍ତି । ୨୦୨୨ ସୁଦ୍ଧା ସିପିଆ ଇ ମାଓବାଦୀ ଆନ୍ଦୋଳନ କୁ ଶେଷ କରିଦେବା ଲକ୍ଷ୍ୟରେ ଚଳାଇ ଥିବା ଦମନ ଅଭିଯାନକୁ ବିରୋଧ କରାଯାଇଛି । ନିୟମଗିରି, କାଶୀପୁର, କରଲାପାଟ, ଦଙ୍ଗାରରେ ଥିବା ବିଭିନ୍ନ ପ୍ରାକୃତିକ ସମ୍ପଦକୁ ବିଭିନ୍ନ କମ୍ପାନୀ ହାତରେ ଟେକିବାକୁ ବିରୋଧ, କିଛି ଦିନ ତଳେ କଳାହାଣ୍ଡିରେ ଗୁଳି ବିନିମୟରେ ମାଓବାଦୀ କ୍ୟାଡ଼ରଙ୍କୁ ହତ୍ୟାର ବିରୋଧ, ନିୟମଗିରି ତ୍ରିଲୋଚନପୁରରୁ ସିଆର୍‌ପିଏଫ କ୍ୟାମ୍ପ ପ୍ରତ୍ୟାହାର ଆଦି ଦାବି କରିଛନ୍ତି ।

# ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ




ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି ।

**ଜେକେପୁର,୧୭।୧୦**

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ତରଫରୁ ଥେରୁବାଲି ଆଖପାଖ ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥେରୁବାଲି, ଖେଦାପଡା, କାର୍ତ୍ତିକାଗୁଡା, କେଲିଗୁଡା, ଡୁମୁରିଗୁଡା, ଭାତପୁର, ବଡଖିଲାପଦର ଓ ସୁରୀ ପଞ୍ଚାୟତ ଅଧୀନରେ ଥିବା ୩୪ ଟି ଗ୍ରାମର ବିଦ୍ୟାଳୟରେ ଏହା ବଣ୍ଟନ କରାଯାଇଛି । ଏହାଦ୍ୱାରା ୮ଟି ପଞ୍ଚାୟତର ୪୮୯୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଇମ୍ଫା କାରଖାନାର ଉପ ସଭାପତି କେ.ଭି ରାଓ କହିଛନ୍ତି ଯେ, ଆମ ଆଖପାଖ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିବେଶ ସୁରକ୍ଷାର ଉନ୍ନତି ଆମର ସାମାଜିକ ଦାୟିତ୍ୱବୋଧ । ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ସର୍ବଦା ସଚେତନ ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ, ଲୋକପ୍ରତିନିଧି, ଶିକ୍ଷକ ଓ ଇମ୍ଫାର ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ।

# କକା, ପୁତୁରାଙ୍କୁ ହତ୍ୟା ଧମକ ଦେଇ ୨ ଗିରଫ

**ଆମ୍ବାଦୋଳା, ୧୭।୧୦ (ଡ଼ି.ଏନ.ଏ)**

ଆମ୍ବାଦୋଳାରେ କାର୍ଯ୍ୟରତ ଜଣେ ଖବରଦାତା ଓ ତାଙ୍କ ପୁତୁରାଙ୍କୁ ହତ୍ୟା ଧମକ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୀମାଞ୍ଚଳ ସାହୁ ଓରଫ ବୁଲୁ(୪୧) ଓ ଟୁକୁନା ପାତ୍ର(୨୭)। ପୋଲିସ ଏକ ପଲସର ବାଇକ୍ ଜବତ କରିଛି । ଦେବେନ୍ଦ୍ର ନାୟକ କିଛି ମାସ ପୂର୍ବେ ଅଞ୍ଚଳରେ ଏକ ବସ ଡକାୟତି ଖବର ପ୍ରକାଶ କରିଥିଲେ । ଏଥିରେ ସମ୍ପୃକ୍ତ ବୁଲୁ ଓ ଟୁକୁନା ଗୁରୁବାର ସକାଳେ ଦେବେନ୍ଦ୍ରଙ୍କ ପୁତୁରା ଅନୁଭବ ନାୟକଙ୍କୁ ଆମ୍ବାଦୋଳା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ମାଡ଼ ମାରିବା ସହ ତାଙ୍କ କକାଙ୍କୁ ହତ୍ୟା ଧମକ ଦେଇଥିଲେ । ଏନେଇ ଦେବେନ୍ଦ୍ର ଆମ୍ବାଦୋଳା ଥାନାରେ ଅଭିଯୋଗ କରିଥିଲେ । ପରେ ପୋଲିସ ବୁଲୁ ଓ ଟୁକୁନାଙ୍କୁ ଗିରଫ କରିଥିଲା । ଉଭୟେ ରାୟଗଡ଼ା ଓ କଳାହାଣ୍ଡି ଜିଲାରେ ବିଭିନ୍ନ ମାମଲାରେ ଜଡିତ ଥିବା ଜଣାଯାଇଛି ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ,୧୭।୧୦**

ଜେମାଦେଇପେଣ୍ଠ ନିକଟରେ ଥିବା ଆଶ୍ରମ ବିଦ୍ୟାଳୟର ବଡ଼ରାଇସିଂଠାରେ ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିସହ ମଧ୍ୟାହ୍ନ ଭୋଜନ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହାକୁ ପ୍ରଧାନ ଶିକ୍ଷକ ଗୋପୀନାଥ ପରିଛା ସଭାପତିତ୍ୱ କରି କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜେମାଦେଇପେଣ୍ଠର ଆଞ୍ଚଳିକ ସାଧନ କେନ୍ଦ୍ରର ସିଆରସିସି ଶୁଶାନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ମୁନିଗୁଡ଼ା,୧୭।୧୦(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ହାଟମୁନିଗୁଡ଼ାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଗଣଶିକ୍ଷା ବିଭାଗ ତରଫରୁ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କାଳିନ୍ଦୀଚରଣ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ହସ୍ତାକ୍ଷର, ରଚନା, ହସ୍ତକଳା ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ବାଳିକା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁବାସଚନ୍ଦ୍ର ଗରଡ଼ିଆ ସଭାପତିତ୍ୱ କରିଥିଲେ । ବିଜୁ କୃଷକ ମୋର୍ଚ୍ଚା ଜିଲା ସଭାପତି ଜ୍ୟୋତି ପ୍ରସାଦ ସାହୁ ମୁଖ୍ୟଅତିଥି, ସୁନିଲ କୁମାର ବେବର୍ତ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ୮୦ ଜଣ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଗବେଷକ ଶ୍ରୀରଙ୍ଗ ନାୟକ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଜୟଚନ୍ଦ୍ର ପାଢୀ ମୁଖ୍ୟବକ୍ତା, ସାମଜିକ କର୍ମୀ ଗୌରାଙ୍ଗଚରଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା 'ବାଲ୍ୟ ବିବାହକୁ ନା' ନୃତ୍ୟ ସମସ୍ତଙ୍କୁ ମୁଗ୍‌ଧ କରିଥିଲା । ଦେବାର୍ଚ୍ଚନା ସାହୁ, ଧନେଶ୍ୱର ମଙ୍ଗରାଜ, ବନିତା ନାୟକ, ଗଣେଶ୍ୱର ସେଠୀ, ବିଦ୍ୟୁଲତା ତାଣ୍ଡି, ସୁକାନ୍ତି ଡୁଇକା, ସବିତା ପଟ୍ଟନାୟକ, ରଜେଶ ସେନାପତି, ମହେନ୍ଦ୍ର ସେଠୀ, ମିନତୀ ଗୌଡ଼ ପ୍ରମୁଖ ସହାୟତା କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

ଡାବୁଗାଁ,୧୭।୧୦ (ଡି.ଏନ୍.ଏ.)- ଡାବୁଗାଁ ଥାନାର ଶିଂସାରି ଫାଣ୍ଡି ଅଧୀନ ଇଝାରାଗୁଡା ଗ୍ରାମରେ ସାପ କାମୁଡାରେ ସହିତ ଭତ୍ରାଙ୍କ ବୁଧବାର ମୃତ୍ୟୁ ଘଟିଛି। ଇଝାରାଗୁଡା ଗ୍ରାମର ଘାସିରାମ ଭତ୍ରାଙ୍କ ସ୍ତ୍ରୀ ସହିତ (୨୦) ବୁଧବାର ସନ୍ଧ୍ୟାରେ ନିଜ ଘର ବାରି ପଟେ ଥିବା ଗାଧୁଆ ଘରକୁ ଯାଉଥିବା ସମୟରେ ତାଙ୍କୁ ଏକ ସାପ ବାମ ଗୋଡର ବୁଢା ଆଙ୍ଗୁଳିରେ କାମୁଡି ଦେଇଥିଲା । ସହିତ ନିଜ ଯାଆ ଜୟନ୍ତୀ ଭତ୍ରାଙ୍କୁ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଛି ବୋଲି କହିଥିଲେ । ଏହାପରେ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସହିତଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୃତକଙ୍କ ସ୍ୱାମୀ ଘାସିରାମ ଗୁରୁବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ଶିଂସାରି ଫାଣ୍ଡି ଅଧିକାରୀ ଠଣ ସୁନ୍ଦର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏନେଇ ଥାନାରେ ନଂ .୩୪/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

■ ଟିନାଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବି

# ରାଇଘର ମୁଖ୍ୟ ରାସ୍ତା ଅବରୋଧ



ଗ୍ରାମବାସୀ ଓ ପରିବାର ଲୋକ ରାସ୍ତାରୋକୋ କରିଛନ୍ତି।

ରାଇଘର,୧୭।୧୦ (ଡି.ଏନ୍.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅନ୍ତର୍ଗତ ପରିଚିପାରା ପଞ୍ଚାୟତ କେବିକଙ୍ଗା ଗ୍ରାମର ଟିନା ବିଶ୍ୱାସଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ପରିବାର ଲୋକ ଓ ଗ୍ରାମବାସୀ ଗୁରୁବାର ରାଇଘରର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ଏଥିରେ ପରିବାର ଲୋକଙ୍କ ସହ ୩୨ ଟି ଗ୍ରାମର ଗ୍ରାମବାସୀ ସାମିଲ ହୋଇଥିଲେ। ରାଇଘର ବଜାରର ସମସ୍ତ ଦୋକାନ ବଜାର ବନ୍ଦ ହେବା ସହ , ଶିକ୍ଷାନୁଷ୍ଠାନ ଓ ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। କେବିକଙ୍ଗା ଗ୍ରାମର ଏକ ପୋଖରୀରୁ ଗତ ୨୩ ତାରିଖରେ ଟିନାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଟିନାଙ୍କ ବାପଘର ଲୋକେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କୁନ୍ଦେଇ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଏତଲାକୁ ଆଧାର କରି ଥାନାରେ ନଂ ୫୯/୧୯ ରେ ରୁଜୁ କରିଥିଲେ। ଟିନାଙ୍କ ସ୍ୱାମୀ ସୁମିତ, ଶ୍ୱଶୁର ପରିତୋଷ , ଦାଦା ଶ୍ୱଶୁର ସନ୍ତୋଷ ଓ ଆଶୁତୋଷଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ କରିଥିଲା। ଘଟଣା ଗମ୍ଭୀର ହେବାରୁ ଉମରକୋଟ ଏସ୍‌ଡିପିଓ ହେମନ୍ତ ପାଢୀ, ରାଇଘର ଥାନା ଅଧିକାରୀ ସରିତା ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚିଥିଲେ। ସ୍ୱାମୀ ସୁମିତ ଓ ଶ୍ୱଶୁର ପରିତୋଷଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହତ୍ୟା ଘଟଣାରେ ପରିବାରର ସମସ୍ତ ବ୍ୟକ୍ତି ସାମିଲ ରହିଥିବା ଟିନାଙ୍କ ବାପାଘର ଲୋକ ଅଭିଯୋଗ କରିଥିଲେ। ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଖାଲିରେ ଛଡାଯାଇଥିବା ପରିବାର ଲୋକଙ୍କ ସହ ଗ୍ରାମବାସୀ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ନବରଙ୍ଗପୁର ମା'ଘର ଅଧକ୍ଷା କାଦମ୍ବିନି ତ୍ରିପାଠୀଙ୍କ ସହ ପରିବାର ଲୋକ ଆସି ଏସ୍‌ପିଙ୍କୁ ଜଣାଇଥିଲେ । କୌଣସି ସୁଫଳ ନମିଳିବାରୁ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇ ଥିବା ଝିଅ ଘର କହିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ୩୨ ଟି ଗ୍ରାମର ଲୋକ ରାଇଘର ମୁଖ୍ୟ ରାସ୍ତା ଗୁରୁବାର ଅବରୋଧ କରିଥିଲେ। ଝିଅ ଘର ପରିବାର ଲୋକ, ଗ୍ରାମବାସୀଙ୍କ ସହ ନବରଙ୍ଗପୁର ମା' ଘର ଅଧକ୍ଷା ଧାରଣାରେ ବସିଥିଲେ। ଏସଡିପିଓ ହେମନ୍ତ କୁମାର ପାଢୀ ପହଞ୍ଚି ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିବା ପରେ ଧାରଣାରୁ ହଟିଥିଲେ।

■ ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ବିବାଦ ଘଟଣା

# ସମାଧାନ ପାଇଁ ଦୁଇ ଗୋଷ୍ଠୀଙ୍କ ଉପସ୍ଥିତିରେ ଆଲୋଚନା

ଝରିଗାଁ,୧୭।୧୦(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ଗ୍ରାମକୁ ନୂତନ ପଞ୍ଚାୟତ ଭାବେ ଘୋଷଣା ପରେ କର୍ଲାମାଲ ଛକଠାରେ କାର୍ଯ୍ୟାଳୟ ଗୃହ ନିର୍ମାଣକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପ୍ରାୟ ୪ ବର୍ଷ ଧରି ବିବାଦ ଲାଗି ରହିଛି। ଗୁରୁବାର ଉଭୟ ଗୋଷ୍ଠୀଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ପାଇଁ ଆଲୋଚନା ଅନୁଷ୍ଠିତ ହୋଇଥିଲା। ତେବେ ଏଥିରେ କୌଣସି ସମାଧାନର ବାଟ ବାହାରି ପାରି ନାହିଁ। ଗୁରୁବାର ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ ଦୁଇ ଗୋଷ୍ଠୀଙ୍କୁ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ସମସ୍ୟାର ସମାଧାନ ନେଇ ଆଲୋଚନା କରିବାକୁ ଡକାଇ ଥିଲେ। ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପିଇଓଙ୍କ କ୍ୱାର୍ଟର୍ସ ନିର୍ମାଣ କରାଯାଇଥିବା ସରକାରୀ ଜଙ୍ଗଲ କିସମ ଜମିରେ ପୂର୍ବରୁ ଶାନ୍ତ ଗଣ୍ଡଙ୍କ ପରିବାର ଲୋକେ ସେଠାରେ ଚାଷ କରି ନିଜ ପରିବାର ପୋଷଣ କରୁଥିବା ନେଇ ବିଡିଓଙ୍କୁ ଜଣାଇଥିଲେ। ଦଖଲରେ ରହିଥିବା ଜମିକୁ ମୋତେ ନ ପଚାରି ସେଠାରେ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଉଛି। ଏଣୁ ପରିବାର କିପରି ଚଳାଇବି ସେହି ସ୍ଥାନର ପଟ୍ଟା ଦେବାକୁ ଶାନ୍ତି କହିଥିଲେ। ସେହିପରି ଗ୍ରାମରେ ରହିଥିବା ଜଙ୍ଗଲ ଅଧିକାର କମିଟିର ବିନା ପରାମର୍ଶରେ କିପରି ଜଙ୍ଗଲ ଜମିରେ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଉଛି ବୋଲି ନୁଆଖାଉ ଭତ୍ରା ମତ ରଖିଥିଲେ। ସେହିପରି ବିନା ଗ୍ରାମସଭା ଏବଂ ପଲ୍ଲୀସଭାର ଅନୁମୋଦନରେ କିପରି ପଞ୍ଚାୟତକାର୍ଯ୍ୟାଳୟ ଗୃହ ନିର୍ମାଣ କରାଗଲା ବୋଲି ଜଗଦିଶ ମାଝୀ କହିଥିଲେ। ସେହିପରି ଇଚ୍ଛାପୁର ଗ୍ରାମରେ ଯଦି ପଞ୍ଚାୟତ କାର୍ଯ୍ୟାଳୟ ନହୁଏ ତେବେ ଇଚ୍ଛାପୁର ଗ୍ରାମକୁ ପୁଣି ଚଚା ପଞ୍ଚାୟତରେ ସାମିଲ କରିବା ସହ ଅର୍ଦ୍ଧନିର୍ମିତ ପଞ୍ଚାୟତ କାର୍ଯ୍ୟାଳୟକୁ ଇଚ୍ଛାପୁର ମୌଜାରେ ନକରି ଅନ୍ୟ ମୌଜାରେ କରିବା ନେଇ ଆଲୋଚନାରେ ଦାବୀ କରିଥିଲେ। ଆଲୋଚନାରେ ଜିପିଇଓ ପ୍ରଦୀପ କୁମାର ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଅଜୟ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ ଉପସ୍ଥିତ ରହିଥିବା ବେଳେ ଇଚ୍ଛାପୁର ପଞ୍ଚାୟତର ସୁନ୍ଦର ମାଝୀ, ପରମେଶ୍ୱର ଶବର, ସମଧୁ ମାଝୀ, ନାଏବ ସରପଞ୍ଚ ଦିଗାମ୍ବର ଭତ୍ରା, ଅମରସିଂ ଜାନୀ ଏବଂ ଚକ୍ରମାଝୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶାନ୍ତି ଶୃଙ୍ଖଳାରେ କିପରି ସମସ୍ୟା ସମାଧାନ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ନେଇ ବିଡିଓ କହିଥିଲେ। ସୂଚନାଯୋଗ୍ୟ ଯେ, ଇଚ୍ଛାପୁର ପଞ୍ଚାୟତର କର୍ଲାମାଲ ଛକ ଠାରେ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପିଇଓ ବାସଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଦୁର୍ବୃତ୍ତମାନେ କଂକ୍ରିଟ ପିଲାର ଭାଙ୍ଗି ଦେଇଥିଲେ।



ବୈଠକରେ ଉପସ୍ଥିତ ଉଭୟପକ୍ଷର ଲୋକମାନେ ।

■ ଜିଲାପାଳଙ୍କ ମାନବିକତା

# ଦିବ୍ୟାଙ୍ଗ ବୃଦ୍ଧଙ୍କୁ ଉଦ୍ଧାର କରି ଆଶ୍ରୟ କେନ୍ଦ୍ରକୁ ପଠାଇଲେ



ଅସହାୟ ବୃଦ୍ଧଙ୍କୁ ଜିଲପାଳ ଉଦ୍ଧାର କରୁଛନ୍ତି ।



କର୍ମଚାରୀମାନେ ବୃଦ୍ଧଙ୍କୁ ଗାଧୋଇଦେଉଛନ୍ତି ।

ନବରଙ୍ଗପୁର,୧୭।୧୦(ବି.ପ୍ର.)

ଦୀର୍ଘଦିନ ହେଲା ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ନିକଟ ଓ ଆଖପାଖ ଅଞ୍ଚଳରେ ଗୁରୁଣ୍ଡି ଗୁରୁଣ୍ଡି ବୁଲୁଥିଲେ ଜଣେ ଅସହାୟ ଦିବ୍ୟାଙ୍ଗ ବୃଦ୍ଧ। ବୟସ ପ୍ରାୟ ୭୫ । ସେ ମାନସିକ ଭାବେ ବିକୃତ ରହିଥିବାବେଳେ ଠିକ ଭାବେ କିଛି କହି ମଧ ପାରୁ ନ ଥିଲେ। ଗୁରୁବାର ଜିଲା ସଦର ମହକୁମା ଡାକ୍ତରଖାନା ପାଚେରିକୁ ଲାଗି ରହିଥିବା ଆହାର କେନ୍ଦ୍ର ନିକଟରେ ବୃଦ୍ଧ ଜଣକ ଅସହାୟ ଅବସ୍ଥାରେ ପଡି ରହିଥିଲେ। ତାଙ୍କ ଶରୀର ବିଭିନ୍ନ ସ୍ଥାନରେ କ୍ଷତ ମଧ ହୋଇଥିଲା ।ଏ ସମ୍ପର୍କରେ ଖବର ପାଇଁ ଜିଲାପାଳ ଅଜିତ କୁମାର ମିଶ୍ର ଆହାର କେନ୍ଦ୍ର ନିକଟରେ ପହଞ୍ଚିଥିଲେ। ବୃଦ୍ଧ ଜଣକ ପରିଚୟ ମିଳି ପାରି ନ ଥିଲା। ତେବେ କିପରି ବୃଦ୍ଧ ଜଣଙ୍କୁ ଥଇଥାନ କରାଯିବ ସେଥିପାଇଁ ଜିଲାପାଳ ପଦକ୍ଷେପ ନେଇଥିଲେ। ସଫେଇ କର୍ମଚାରୀମାନେ ସାବୁନରେ ବୃଦ୍ଧଙ୍କୁ ଗାଧୋଇବା ସହ ନୂଆ ପୋଷାକ ପିନ୍ଧାଇ ତାଙ୍କୁ ଭଲ ଭାବେ ଖାଇବାକୁ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ମହେନ୍ଦ୍ର ବିଡିକାଙ୍କ ମାଧମରେ ଖାରସୁଗୁଡାରେ ଥିବା ଭିନ୍ନକ୍ଷମ ସହାୟତା କେନ୍ଦ୍ର 'ଆଶ୍ରୟ'କୁ ଗାଡି ବ୍ୟବସ୍ଥା କରି ଜିଲାପାଳ ପଠାଇଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଫୁଲ୍ଲକୁମାର ଶତପଥୀ ତାଙ୍କୁ ସ୍ୱତନ୍ତ୍ର ଗାଡିରେ ବସାଇ ଖାରସୁଗୁଡା ନେଇଛନ୍ତି । ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଚୌଧୂରୀ ଶୋଭାରାଣୀ ମିଶ୍ର, ଡିପିଏମ ସୁଶାନ୍ତ କୁମାର ପ୍ରହରାଜ ଓ ଜଗନ୍ନାଥ ବେହେରା ଉପସ୍ଥିତ ଥିଲେ।

# ବାର୍‌ରେ ବିକ୍ରି ହେଉଛି ଅବଧି ଶେଷ ହୋଇଥିବା ମଦ

ଚନ୍ଦାହାଣ୍ଡି,୧୭।୧୦(ଡି.ଏନ.ଏ)–

ଚନ୍ଦାହାଣ୍ଡିସ୍ଥିତ ବିୟର ପାର୍ଲରରେ ଅବଧୀ ଶେଷ ହୋଇଯାଇଥିବା ବିୟର ଚଢା ଦରରେ ବିକ୍ରି କରାଯାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଗମ୍ଭାରିଗୁଡା ଅଞ୍ଚଳର କିଛି ଯୁବକ ବିୟର ପାର୍ଲରରୁ ବିୟର କିଣିଥିଲେ। ସେଠାରୁ ଟିନ ବିୟର କିଣିକି ନେବା ପରେ ସେମାନଙ୍କ ନଜର ଅବଧୀ ତାରିଖ ଉପରେ ପଡିଥିଲା। ଟିନରେ ୟୁଜ ବାଏ ୨୪।୧।୧୯ ଲେଖା ଥିବା ଦେଖିବା ପରେ ଚନ୍ଦାହାଣ୍ଡି ଥାନାରେ ଅବଗତ କରିଥିଲେ । ଉକ୍ତ ବିୟର ମୂଲ୍ୟ ୯୫ ଟଙ୍କା ରହିଥିବା ବେଳେ ୧୪୦ ଟଙ୍କା ବାର୍ ମାଲିକ ନେଇଥିବା ଅଭିଯୋଗ କରିଛନ୍ତି। ଯୁବକମାନଙ୍କ ଠାରୁ ଅଭିଯୋଗ ପାଇ ଚନ୍ଦାହାଣ୍ଡି ଥାନା ଏସଆଇ ସୁବାଷ ବେହେରା ବିୟର ପାର୍ଲରକୁ ଆସି ସମସ୍ତ ପେଟି ଯାଞ୍ଚ କରିଥିଲେ। ୮ଟି ଟିନ ବିୟର ଲୋକଙ୍କ ସାମ୍ନାରେ ଜବତ କରି ଥାନାକୁ ନେଇଥିଲେ। ଯୁବକମାନେ ଏ ସମ୍ପର୍କରେ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଚନ୍ଦାହାଣ୍ଡି ଥାନାରେ ନଂ ୧୧୯/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତ ଅଧିକାରୀ ସୁବାଷ ବେହେରା କହିଛନ୍ତି।

# ଗ୍ରାମବାସୀଙ୍କୁ ଏକତା ଡୋରିରେ ବାନ୍ଧିଛି ଲକ୍ଷ୍ମୀପୂଜା

ଚନ୍ଦାହାଣ୍ଡି,୧୭।୧୦(ଡି.ଏନ.ଏ.)–

ଦୀର୍ଘ ୧୯ବର୍ଷ ହେଲା ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ଏହା ଗାଁ ଲୋକଙ୍କୁ ଏକତା ଡୋରିରେ ବାନ୍ଧି ରଖିଛି । ଗାଁ ଲୋକେ ଏବଂ ଆଖପାଖ ଅଞ୍ଚଳବାସୀ ସାମିଲ ହୋଇ ଗଜଲକ୍ଷ୍ମୀ ପୂଜା କରି ଆସୁଛନ୍ତି। ଏହି ପୂଜା ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ସ୍ନେହ,ପ୍ରେମ ଓ ଭାଇଚାରାର ବାର୍ତ୍ତା ବଜାୟ ରଖିଆସିଛି। ଏହି ପୂଜା ଧୂମଧାମରେ ପାଳନ କରାଯାଉଥିବାବେଳେ ଆକାଶଚୁମ୍ବି ତୋରାଣ ଓ ଆଲୋକ ମାଳାରେ ପୂଜାପେଣ୍ଡାଲ ଝଲସି ଉଠୁଛି। ପ୍ରତ୍ୟେକ ରାତିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଦିନରେ ପୁରାଣ ପାଠ ସହ ପ୍ରବଚନ କରାଯାଉଛି । ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଉପଦେଶକ୍ରମେ ଯୁବକମାନେ ପୂଜା ଆୟୋଜନ କରିଆସୁଛନ୍ତି । ବୁଧବାର ରାତିରେ ନବରଙ୍ଗପୁର ଏବଂ କଳାହାଣ୍ଡିର ଘୁମୁରା ଦଳକୁ ନେଇ ଘୁମୁରା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଏମପି ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ସଂଯୋଜକ ପ୍ରମୋଦ କୁମାର ପାଢୀ, ବ୍ଲକ ଅଧକ୍ଷ ବିକ୍ରମ ସିଂ ନାୟକ, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ସରପଞ୍ଚ ହର ପୂଜାରୀ, ସମିତିସଭ୍ୟ ତ୍ରିନାଥ ଦାଶ, ଚନ୍ଦାହାଣ୍ଡି ସରପଞ୍ଚ ଲଛମନ ମାଝି, ବ୍ଲକ ସଭାପତି ଗୌରହରି ନାୟକ, ସାମାଜିକ କର୍ମୀ ପୁରୁଷୋତ୍ତମ ପାରୀ, ଭୋଦେବ ବାଘ, ପ୍ରଶାନ୍ତ କୁମାର ପାରୀ, ମଧୁସୂଦନ ନାଗେଶ, ବଳରାମ ପଟ୍ଟନାୟକ, ଯୁବରାଜ ଜଗତ, କାର୍ତ୍ତିକ ବାଘ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦୀପ ଦାଶ ମଞ୍ଚ ପରିଚାଳନା କରିଥିଲେ। କୃତୀ ଘୁମୁରା ଦଳଙ୍କୁ ଏମପି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବୈକୁଣ୍ଠ ଦାଶ, ଫଗୁଣ ଶୋରୀ, ପବିତ୍ର ଗହିରା, ମଧୁସୂଦନ ଧୁରୁଆ, ମକୁନ୍ଦ ମାଝି, ରାଜାରାମ ଅଣ୍ଟି, ରୂପକେଶରୀ ମୁଣ୍ଡ ପ୍ରମୁଖ ପରିଚାଳନା କରିଥିଲେ । ଚଳିତବର୍ଷ ଏହି ପୂଜା ୧୩ତାରିଖରୁ ଆରମ୍ଭ କରାଯାଇଥିବାବେଳେ ୧୮ତାରିଖ ଶୁକ୍ରବାର ସରିବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।



ଅତିଥିଙ୍କ ଗ୍ରହଣରେ ଘୁମୁରା ପ୍ରତିଯୋଗୀ।

# ନବରଙ୍ଗପୁର ଜିଲା ପାଇଁ ନିଯୁକ୍ତ ହେଲେ ୪ ବିଶେଷଜ୍ଞ

ନବରଙ୍ଗପୁର,୧୭।୧୦(ବି.ପ୍ର.)

ଜିଲା ସଦର ମହକୁମା ଡାକ୍ତରଖାନାକୁ ଅଧିକ ୨ଶହ ବେଡ ବୃଦ୍ଧି କରାଯିବ । କୋଠା ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି । ଜିଲାରେ ଡାକ୍ତର ଓ ବିଶେଷଜ୍ଞ ଅଭାବ ନେଇ ଦାବୀ ହୋଇ ଆସୁଥିଲା । ଗୁରୁବାର ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାକୁ ଆନେସ୍ଥେସିଆ ବିଶେଷଜ୍ଞ ମୃତ୍ୟୁଞ୍ଜୟ ମଲ୍ଲିକ, ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଦିଲ୍ଲିପ କୁମାର ଦଳେଇଙ୍କୁ ନିଯୁକ୍ତି ଦିଆଯାଇଛି। ଭେଷଜ ବିଶେଷଜ୍ଞ ଶ୍ରୀକାନ୍ତ କୁମାର ଶତପଥି, ନାଶଗଳାଓ କର୍ଣ୍ଣ ବିଶେଷଜ୍ଞ ମାନସ ରଞ୍ଜନ ବିଶ୍ୱାଳଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାକୁ ନିଯୁକ୍ତି ଦିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଠି ନମ୍ବର ୨୫୯୩୨ ଅନୁଯାଇ ସିଡିଏମଓଙ୍କୁ ଚିଠି ମାଧମରେ ଗୁରୁବାର ଦର୍ଶାଯାଇଛି ।

# ୩ କୋଠରିରେ ବସୁଛନ୍ତି ୮ ଶ୍ରେଣୀର ଛାତ୍ରୀଛାତ୍ର

■ ପଢିବା ସମୟରେ ଛାତରୁ ଖସୁଛି ପ୍ଲାଷ୍ଟର
■ ରୋଷେଇ ଗୃହ , ପାଚେରୀ ନାହିଁ
■ ଗୋଟିଏ କୋଠରୀରେ ୨ରୁ ୩ଟି ଶ୍ରେଣୀର ଛାତ୍ରୀଛାତ୍ର ଏକାଠି ବସୁଛନ୍ତି



ଗୋଟିଏ କୋଠରୀରେ ୨ଟି ଶ୍ରେଣୀର ଛାତ୍ରୀଛାତ୍ର ବସିଛନ୍ତି।

ଝରିଗାଁ,୧୭।୧୦(ସ୍ୱ.ପ୍ର)

ଗ୍ରାମାଞ୍ଚଳରେ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ସମସ୍ତ ପିଲାମାନଙ୍କୁ ମାଗଣାରେ ପାଠ ପଢିବାକୁ ସରକାର ସମସ୍ତ ପ୍ରକାରର ବ୍ୟବସ୍ଥା ଖଞ୍ଜିଛନ୍ତି। ଭିତ୍ତିଭୂମି ଅଭାବ ଯୋଗୁଁ ବିଦ୍ୟାଳୟକୁ ଆସିବାକୁ ପିଲାମାନେ ଇଛା କରୁ ନାହାନ୍ତି। ଏଥିସହ ପିଲାମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଥିବାରୁ ଅଭିଭାବକ ମହଲରେ ଏବେ ଚିନ୍ତାର ବିଷୟ ପାଲଟିଛି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାଣୁଆଗୁଡା ପଞ୍ଚାୟତ କୁହୁରାକୋଟ ଗ୍ରାମରେ ରହିଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହା ଦେଖିବାକୁ ମିଳିଛି। ଏଠି ଛାତ୍ରୀଛାତ୍ରଙ୍କ ତୁଳନାରେ ଶ୍ରେଣୀଗୃହର ଅଭାବ ରହିଛି। ଗୋଟିଏ କୋଠରୀରେ ୨ରୁ ୩ଟି ଶ୍ରେଣୀର ପିଲାମାନେ ଖୁନ୍ଦାଖୁନ୍ଦି ହୋଇ ବସୁଛନ୍ତି। ୧୯୫୫ ମସିହାରେ କୁହୁରାକୋଟ ଗ୍ରାମରେ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ବର୍ତ୍ତମାନ ସେହି ବିଦ୍ୟାଳୟରେ ୮ ଟି ଶ୍ରେଣୀର ୨୩୭ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପିଲାମାନଙ୍କୁ ପାଇଁ ରହିଛି ମାତ୍ର ୩ଟି ଶ୍ରେଣୀ ଗୃହ। ବାଧ ହୋଇ କିଛି ଶ୍ରେଣୀର ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ ପଢୁଛନ୍ତି। ପାଠ ପଢାଇବା ନେଇ ୬ଜଣ ଶିକ୍ଷୟତ୍ରୀଶିକ୍ଷକଙ୍କ ସହ ଜଣେ ଖେଳ ଶିକ୍ଷକ ରହିଛନ୍ତି।ଶ୍ରେଣୀ ଗୃହ ନଥିବା ଯୋଗୁଁ ପିଲାଙ୍କୁ ପାଠ ପଢାଇବା ନେଇ ନାହିଁନଥିବା ଅସୁବିଧାରେ ପଡୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ପାଣ୍ଡେ କହିଛନ୍ତି। ଏପରିକି ବିଦ୍ୟାଳୟରେ ରହିଥିବା ଅତିରିକ୍ତ ଶ୍ରେଣୀ ଗୃହରେ ପିଲାମାନେ ପାଠ ପଢିବା ସମୟରେ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସି ସେମାନଙ୍କ ଉପରେ ପଡୁଛି। ସେହିପରି ଗୋଟିଏ ଶ୍ରେଣୀ ଗୃହରେ ଦୁଇ କିମ୍ବା ତିନୋଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସାଇ ପାଠ ପଢାଯାଉଛି। ଫଳରେ ପାଠ ପଢାଇବାରେ ବହୁତ ସମସ୍ୟା ଉପୁଜୁଥିବା ନେଇ ଶିକ୍ଷକମାନେ କହିଛନ୍ତି।ସେହିପରି ବିଦ୍ୟାଳୟରେ ମଧାହ୍ନ ଭୋଜନ ସକାଶେ ରୋଷେଇ ଗୃହ ନଥିବାରୁ ସ୍କୁଲ ପରିସରରେ ଥିବା ପୁରୁଣା ଭଙ୍ଗା କୋଠରୀରେ ରୋଷେଇ କରାଯାଉଛି। ସେହି କୋଠରୀର ପୁରୁଣା ଆଜବେଷ୍ଟସ ଭାଙ୍ଗି ଯାଇଥିବାରୁ ବର୍ଷା ହେଲେ ବହୁତ ଅସୁବିଧା ହେଉଥିବା ପାଚିକା କହିଛନ୍ତି। ସେହିପରି ବିଦ୍ୟାଳୟରେ ପାଚେରୀ ନଥିବା ଯୋଗୁଁ ଗାଈଗୋରୁମାନେ ସ୍କୁଲ ପରିସରକୁ ମାଡି ଆସୁଛନ୍ତି। ଏପରିକି ବିଦ୍ୟାଳୟରେ ରହିଥିବା ପାଇଖାନାର ରକ୍ଷଣାବେକ୍ଷଣ କରିବାରେ ଅସୁବିଧା ହେଉଛି। ବିଦ୍ୟାଳୟ ସମସ୍ୟା ନେଇ ବହୁ ଥର ବ୍ଲକ ପ୍ରଶାସନ ଏବଂ ଜନ ପ୍ରତିନିଧିମାନଙ୍କୁ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଜଣାଇଥିଲେ ମଧ କିଛି ପଦକ୍ଷେପ ନିଆଯାଉ ନାହିଁ।


**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

No.34/OMC Date : 17.10.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.

The Corporation invites application from dynamic & competent professionals in different discipline as follows.

**VACANCY :-**

| Sl. No. | Name of the Post | Scale of Pay (in Rs.) | Total posts | Initial Basic Pay (in Rs.) | No. of Posts Reserved for SC | ST | SEBC | UR |
|---|---|---|---|---|---|---|---|---|
| PERSONNEL | | | | | | | | |
| 1 | Dy. General Manager (Personnel) E-5 grade | 78,800/- to 2,09,200/- | 01 | 1,05,900/- | - | - | - | 01 |
| 2 | Sr. Manager (Personnel), E-4 grade | 67,700/- to 2,08,700/- | 02 | 91,100/- | - | - | 01 | 01 |
| 3 | Manager (Persnl), E-3 grade | 67,700/- to 2,08,700/- | 02 | 78,500/- | 01 | 01 | - | - |
| | Total | | 05 | | 01 | 01 | 01 | 02 |
| MEDICAL OFFICER | | | | | | | | |
| 4 | Medical Officer -III, E-2 grade | 67,700/- to 2,08,700/- | 02 | 67,700/- | - | - | - | 02 |
| | Total | | 02 | | - | - | - | 02 |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates / Testimonials, experience certificate in support of their eligibility by **Speed Post /Courier** in a cover superscribed "APPLICATION FOR THE POST OF ___________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 02.11.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ଅକ୍ଟୋବର ୧୮/୨୦୧୯ Rayagada, Friday, October. 18 / 2019

# ସିପିଆଇଏମ୍ ପାଳିଲା ୧୦୦ତମ ପ୍ରତିଷ୍ଠା ଦିବସ

ପାରଳାଖେମୁଣ୍ଡି, ୧୭।୧୦(ସ୍ୱ.ପ୍ର.)

ସିପିଆଇ(ଏମ୍) ପକ୍ଷରୁ ଗୁରୁବାର ୧୦୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ସ୍ଥାନୀୟ ଜିଲା କାର୍ଯ୍ୟାଳୟରେ ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ମିଶ୍ର ଏହି ଦିବସର ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦୀର୍ଘ ୧୦୦ ବର୍ଷ ଧରି ଦଳ ଅସହାୟ ଓ ନିଷ୍ପେସିତ ଲୋକଙ୍କ ପାଇଁ କାର୍ଯ୍ୟ କରିବା ସହ ସେମାନଙ୍କୁ ସଂଗଠିତ କରି ଅଧିକାର ପାଇଁ ଜନ ଆନ୍ଦୋଳନ ସୃଷ୍ଟି କରିବାରେ ସହାୟକ ହୋଇଥିବା କହିଥିଲେ। ସେହିପରି ରାଜ୍ୟ କମିଟି ସଭ୍ୟ ଯତିନ୍ ମହାନ୍ତି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦରଦାମ ବୃଦ୍ଧି ଏବଂ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ଦେବାରେ ଅବହେଳା ବିଷୟରେ କହିବା ସହ ଶତବାର୍ଷିକୀ ଅବସରରେ ଦଳ ବର୍ଷ ତମାମ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଥିଲେ। ଆଗାମୀ ଦିନରେ ଚାଷୀ ଓ ଅସହାୟ ଲୋକଙ୍କ ପାଇଁ ଦଳ କାର୍ଯ୍ୟ ଜାରି ରଖିବା ପାଇଁ ଏଠାରେ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା କମିଟି ସମ୍ପାଦକ ଦଣ୍ଡପାଣି ରଇତ, ଜିଲା କମିଟି ସଭ୍ୟ ଏମ୍. ବାଙ୍ଗାରୀ, ମୋହିତ ମିଶାଲ, ମାନସ ଜେନା, ସୁନାମ ମଣ୍ଡଳ, ନାଗେଶ୍ ଶବର, କୀର୍ତ୍ତନ ଶବର, ଟି. ମୁରଲୀ କ୍ରୀଷ୍ଣାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗାନ୍ଧୀ ସଦ୍‌ଭାବନା ରଥକୁ ବିପୁଳ ସ୍ୱାଗତ

ପାରଳାଖେମୁଣ୍ଡି/କାଶୀନଗର, ୧୭।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)



କାଶୀନଗରରେ ଶାନ୍ତି–ସଂହତି–ସଦ୍‌ଭାବନା ରଥ।



ପାରଳାଖେମୁଣ୍ଡିରେ ଗାନ୍ଧୀ ସଦ୍‌ଭାବନା ଯାତ୍ରା

ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ମାଲକାନାଗିରି ଜିଲାର ମାଥିଲିରୁ ବାହାରିଥିବା ଗାନ୍ଧୀ ସଦ୍‌ଭାବନା ରଥ ଗୁରୁବାର ଗଜପତି ଜିଲାରେ ପହଞ୍ଚିଥିଲା। ଏଥିରେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ୧୫ ବୟୋଜ୍ୟେଷ୍ଠ ବ୍ୟକ୍ତି ମଧ୍ୟ ରହିଥିଲେ। ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସ(୯୬), ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସୁପୁତ୍ରୀ କୃଷ୍ଣା ମହାନ୍ତି(୮୨) ଶାନ୍ତି ସଂହତି ସଦଭାବନା ଯାତ୍ରାର ସଂଯୋଜକ ଡ. ବିଶ୍ୱଜିତ୍ ରାୟ, ଯୁବନେତା ମାନସ ପଟ୍ଟନାୟକ, ରାଜୀବ ଗାନ୍ଧୀ ପ୍ରତିଷ୍ଠାନର ସୁଦୀପ ମିତ୍ର ଯାତ୍ରାର ନେତୃତ୍ୱ ନେଇଥିଲେ। ଜିଲାର କାଶୀନଗରଠାରେ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଫରେଷ୍ଟଛକଠାରେ ରଥକୁ ଶାନ୍ତି ସ୍ମୃତି ପରିଷଦର କାଶୀନଗର ଆବାହକ ରଘୁରାମ ସାହୁ, ରଇତ ସଂଘର ସଭାପତି ପ୍ରଶାନ୍ତ ମିଶ୍ର, ବଂଶଧାରା ପାଠାଗାରର ସଭାପତି ସମାଜସେବୀ ହୃଷିକେଶ ଗୌଡ, ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସ୍ୱାଗତ କରିଥିଲେ। ପରେ ନଗର ପରିକ୍ରମା କରାଯାଇଥିଲା। ସେହିପରି ସଂହତି ବାର୍ତ୍ତାର ପଥପ୍ରାନ୍ତ ନାଟକ 'ଶବ ପଡ଼ିଛି' ପରିବେଷଣ ହୋଇଥିଲା। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଦଭାବନା ସଭା ଅନୁଷ୍ଠିତ ହୋଇଥିଲ। ଯାତ୍ରାରେ ସୋନାଲି ମିଶ୍ର, ଶୁଭଶ୍ରୀ ଦୀପ୍, ରଣଜିତ ଦେହୁରୀ ପ୍ରମୁଖ ରହିଥିଲେ। ଏଠାରୁ ରଥ ପାରଳାଖେମୁଣ୍ଡି ଅଭିମୁଖେ ଯାତ୍ରା କରିଥିଲା।

ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରଥ ପହଞ୍ଚିବା ପରେ ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସ୍ଥାନୀୟ କଂଗ୍ରେସ ଭବନ ଏବଂ ଗୌରହରି ପାଠାଗାର ନିକଟରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ପଥପ୍ରାନ୍ତ ନାଟକ 'ଅଚିହ୍ନା ଶବ' ପରିବେଷଣ କରାଯାଇଥିଲା। ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଏବଂ ସ୍ମୃତି କମିଟିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି ଯାତ୍ରାରେ ୮୨ ବର୍ଷୀୟା ମହାନ୍ତି ସୂତା କାଟିବାରେ ବ୍ୟସ୍ତ ଥିବା ଦୃଶ୍ୟ ମନକୁ ଛୁଇଁଥିଲା। କାର୍ଯ୍ୟକ୍ରମରେ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ କମିଟିର ଭାରତ ଭୂଷଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବଟକୃଷ୍ଣ ପାତ୍ର, ସୂର୍ଯ୍ୟନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ମୋଟରଯାନ ଆଇନ ସଚେତନତା

# ବ୍ଲକ୍‌ରେ ମିଳିବ ଲାଇସେନ୍ସ ସୁବିଧା

ଗୁମ୍ମା, ୧୭।୧୦


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ଭିଆଇ, ବିଡିଓ ଓ ବ୍ଲକ ଅଧ୍ୟକ୍ଷ।

ରାଜ୍ୟ ଯୁବ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ବିଜୁ ଯୁବବାହିନୀ ପକ୍ଷରୁ ଗୁମ୍ମା ବ୍ଲକ୍‌ରେ ଗୁରୁବାର ନୂତନ ମୋଟରଯାନ ଆଇନ ସଚେତନତା ଅଭିଯାନ 'ରକ୍ଷକ' ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ଭିଆଇ ବସନ୍ତ କୁମାର ମହାପାତ୍ର, ବିଡିଓ ନଟବର ଗରଡ଼ା, ବ୍ଲକ୍ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ ଯୋଗ ଦେଇଥିଲେ। ଗାଡ଼ି ଚାଳକଙ୍କୁ ନୂତନ ମୋଟରଯାନ ଆଇନ ସମ୍ପର୍କରେ ବୁଝାଇବା ସହ କିପରି ସୁବିଧାରେ ଟେଷ୍ଟିଂ, ଲର୍ନିଂ ଓ ଡ୍ରାଇଭିଂ ଲାଇସେନ୍ସ କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ବ୍ଲକ୍‌ରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯାଇ ଚାଳକଙ୍କୁ ସମସ୍ତ ସୁବିଧା ପ୍ରଦାନ ପାଇଁ ଜନସାଧାରଣ ଅନୁରୋଧ କରିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଚାଳକ ଆବେଦନ କଲେ ପ୍ରତି ଗୁରୁବାର ବ୍ଲକ୍‌ରେ ହିଁ ସମସ୍ତ ସୁବିଧା ଯୋଗାଇଦିଆଯିବ ଏବଂ ଜିଲା ପରିବହନ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବନି ବୋଲି ଏଠାରେ କୁହାଯାଇଛି।

# କମ୍ପାଉଣ୍ଡରଙ୍କ ଦ୍ୱାରା ଚାଲିଛି ନୂଆଗଡ଼ ଚିକିତ୍ସା କେନ୍ଦ୍ର

ପାରଳାଖେମୁଣ୍ଡି, ୧୭।୧୦(ସ୍ୱ.ପ୍ର.)



ଜନସାଧାରଣଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ଲକ୍ଷରେ ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ରୋଗୀ ଏହାର ସୁଫଳ ପାଇପାରୁନାହାନ୍ତି। ଗଜପତି ଜିଲାରେ ଏହାର ସ୍ପଷ୍ଟ ଉଦାହରଣ ଦେଖିବାକୁ ମିଳୁଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ବ୍ଲକ୍‌ରେ ସରକାରୀ ଚିକିତ୍ସାଳୟରେ ରୋଗୀ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଜିଲାର ନୂଆଗଡ଼ ବ୍ଲକ୍‌ରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏହି ବ୍ଲକ୍‌ର ୧୯ ପଞ୍ଚାୟତକୁ ବାଦ୍ ଦେଲେ ଅନ୍ୟ ପଞ୍ଚାୟତ ଗୁଡ଼ିକ ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳ। ତେଣୁ ରାସ୍ତାଘାଟର ସମସ୍ୟା ଯୋଗୁ ଏଠାକାର ଜନସାଧାରଣ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ହେଲେ ଏଠାରେ ଡାକ୍ତରଙ୍କ ଅଭାବ ଯୋଗୁ ଲୋକେ ନିରାଶ ହୋଇ ନୂଆଗଡ଼ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭରସା କରିଛନ୍ତି। ଏହା ଉପରେ ପ୍ରାୟ ୬ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ଡାକ୍ତରଖାନା ଜଣେ ଡାକ୍ତର ଏବଂ କମ୍ପାଉଣ୍ଡରଙ୍କ ଦ୍ୱାରା ଚାଲିଥିଲା। ତେବେ କାର୍ଯ୍ୟରତ ଡାକ୍ତର ସନ୍ତୋଷ କୁମାର ଗମାଙ୍ଗ ୩ମାସ ହେଲା ଉଚ୍ଚ ଶିକ୍ଷା ପାଇଁ ଯାଇଥିବାବେଳେ ତାଙ୍କ ସ୍ଥାନରେ ସରକାର ଅନ୍ୟ ଡାକ୍ତରଙ୍କୁ ନିଯୁକ୍ତି ଦେଇନାହାନ୍ତି। ଯଦ୍ୱାରା ଜଣେ କମ୍ପାଉଣ୍ଡରଙ୍କ ଦ୍ୱାରା ହିଁ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଥିବା ଜଣାପଡ଼ିଛି। ଫଳରେ ଦୁର୍ଗମ ଅଞ୍ଚଳରୁ ଆସୁଥିବା ରୋଗୀ ସେବା ପାଇବାରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ତେଣୁ ନୂଆଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାଶୀଘ୍ର ଜଣେ ଡାକ୍ତରଙ୍କୁ ନିଯୁକ୍ତି ପାଇଁ ନୂଆଗଡ଼ ଯୁବକ ସଂଘ ସମ୍ପାଦକ ଦୁର୍ଯ୍ୟୋଧନ ପାଇକ, ମନୋଜ ପାଇକଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି।




## ଦୁର୍ଘଟଣାରେ ଆହତଙ୍କୁ ମିଳିଲାନି ବେଡ୍

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସନ୍ତୋଷ


ଦୁର୍ଘଟଣାରେ ଗୁରୁତର ମହିଳାମାନେ।

ପାରଳାଖେମୁଣ୍ଡି, ୧୭।୧୦ (ସ୍ୱ.ପ୍ର.)

ଦୁର୍ଘଟଣାରେ ଗୁରୁତରମାନଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କୁ ବେଡ୍ ମିଳି ନ ଥିବାରୁ ଗୁରୁବାର ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାରୁ ପ୍ରକାଶ ଯେ, ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ କିଟିଲିଙ୍ଗିଠାରେ ବୁଧବାର ସନ୍ଧ୍ୟାରେ ଏକ ଅଟୋ ଦୁର୍ଘଟଣାରେ ୯ଜଣ ଆହତ ହୋଇଥବାବେଳେ ୫ଜଣଙ୍କ ଅବସ୍ଥା ଗୁରୁତର ରହିଥିଲା। ସେମାନଙ୍କୁ ଗାରାବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ବେଡ୍‌ର ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନେ ବେଞ୍ଚ୍‌ରେ ବସି ସମୟ ବିତାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ମେଡିକାଲ ପରିସରରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚିକିତ୍ସାଳୟର କର୍ମଚାରୀମାନେ ରାଜ୍ୟସ୍ତରୀୟ ଅଧିକାରୀଙ୍କଗସ୍ତକୁ ନେଇ ବ୍ୟସ୍ତ ରହିବା ସହ ମେଡିକାଲ ପରିସରକୁ ସଫାସୁତରା, ଉପକରଣ ସଜାଇବାରେ ବ୍ୟସ୍ତ ରହୁଥିବାବେଳେ ରୋଗୀଙ୍କ ପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଆହତ ମାମି ଶବର, ସାଇବାଣୀ ଶବର, ଜୟନ୍ତୀ ଶବର, କୁଶୁମ ଶବର ଓ ମଙ୍ଗଳା ଜାନୀ ଅଭିଯୋଗ କରିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ୧୮ ଅକ୍ଟୋବର, ୨୦୧୯



ତୁମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମକର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
-ଯୀଶୁଖ୍ରୀଷ୍ଟ



# ଏକମାତ୍ର ପୁଅର କିଡ୍‌ନୀ ସଂକ୍ରମିତ, ହୃତ୍‌ପିଣ୍ଡରେ ଛିଦ୍ର

## ଚିକିତ୍ସା ସହାୟତା ପାଇଁ ଆକୁଳ ନିବେଦନ କଲେ ପକ୍ଷାଘାତରେ ଶଯ୍ୟାଶାୟୀ ବାପା

ବୈପାରୀଗୁଡ଼ା,୧୭।୧୦(ଡି.ଏନ୍.ଏ.)

୧୦ ବର୍ଷ ତଳୁ ପକ୍ଷାଘାତ ରୋଗରେ ଆକ୍ରାନ୍ତ ଘର ବାରଣ୍ଡାରେ ଶଯ୍ୟାଶାୟୀ ବାପା। ଏଭଳି ସ୍ଥିତିରେ ଏକମାତ୍ର କଲେଜ ପଢୁଆ ପୁଅକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲା ପରିବାର। ପୁଅର କାନ୍ଧରେ ପରିବାରର ଓ ଗୁଜୁରାଣ ଓ ପରିଣତ ବୟସ ଗଡ଼ାଇନେବାକୁ ରହିଥିବା ଆଶା କିନ୍ତୁ ହଠାତ୍ ମିଳେଇଗଲା। ଦୁରାରୋଗ୍ୟରେ ପୀଡ଼ିତ ହେଲା ପୁଅ। ବାପା ପାଉଥିବା ୭୦୦ ଟଙ୍କା ଭିନ୍ନକ୍ଷମ ଭତ୍ତାରେ ଦୁଇମୁଠା ଖାଇବାକୁ ସଂଘର୍ଷ କରୁଥିବା ପରିବାର ପୁଅର ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା କିପରି ଯୋଗାଡ଼ କରିବ, ତାହା ଏବେ ବଡ଼ ଚିନ୍ତା।

ସୂଚନା ଅନୁଯାୟୀ, ବୈପାରୀଗୁଡ଼ା ବ୍ଲକ ସଦର ମହକୁମା ଟାପାକାରିଆ ସାହିରେ ରହନ୍ତି ଗଗନ ବିହାରୀ ପାତ୍ର (୫୦)ଙ୍କ ପରିବାର। ପତ୍ନୀ ରୂପଲତା ପାତ୍ର ଓ ପୁଅ ଜିତେନ୍ଦ୍ର ପାତ୍ର (୧୮)ଙ୍କୁ ନେଇ ତାଙ୍କ ପରିବାର। ୧୦ ବର୍ଷ ତଳୁ ପକ୍ଷାଘାତ ରୋଗରେ ସେ ଆକ୍ରାନ୍ତ। ୮୦ ପ୍ରତିଶତ ଭିନ୍ନକ୍ଷମ ଭାବେ ତାଙ୍କୁ ପ୍ରମାଣପତ୍ର ମିଳିଛି। ଏ ବାବଦକୁ ତାଙ୍କୁ ମାସିକ ୭ ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ଦିଆଯାଉଛି। ସେତିକି ଅର୍ଥରେ ବହୁ ଦୁଃଖକଷ୍ଟରେ ପରିବାର ଚାଲିଛି। ମାସକ ତଳେ ଜିତେନ୍ଦ୍ର ଜ୍ୱରରେ ପଡ଼ିଥିଲେ। ଜୟପୁର ଓ କୋରାପୁଟ ମେଡିକାଲରୁ ନିରାଶ ହେବା ପରେ ତାଙ୍କୁ ବିଶାଖାପାଟଣା ମେଡିକାଲ ନିଆଯାଇଥିଲା। ପରୀକ୍ଷା ପରେ ତାଙ୍କର କିଡ୍‌ନୀ ସଂକ୍ରମଣ ହୋଇଥିବା ବେଳେ ହୃତ୍‌ପିଣ୍ଡରେ ଛିଦ୍ର ଥିବା ଜଣାପଡ଼ିଥିଲା। ଡାକ୍ତରଙ୍କ କହିବା ଅନୁଯାୟୀ ତାଙ୍କର ଓପନ ହାର୍ଟ ସର୍ଜରୀ କରିବାକୁ ପଡ଼ିବ। ଏଥିପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରେ। ସାହି ପଡ଼ୋଶୀ ଓ ନିଜ ସମ୍ପର୍କୀୟ ଲୋକେ ସହାୟତାର ହାତ ବଢ଼ାଇଲେ ବି ଏତେ ପରିମାଣର ଟଙ୍କା ଯୋଗାଡ଼ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ଏକମାତ୍ର ପୁଅକୁ ଭଲ କରିବା ପାଇଁ ସରକାରୀ କିମ୍ବା ବେସରକାରୀ ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି ପାତ୍ର ପରିବାର।





ପୁଅ ଜିତେନ୍ଦ୍ରଙ୍କ ସହ ପକ୍ଷାଘାତରେ ଆକ୍ରାନ୍ତ ଗଗନ ବିହାରୀ ପାତ୍ର।

## ଜୋନାଲସ୍ତରୀୟ ଶିକ୍ଷାଧିକାରୀ ବୈଠକ

କୋରାପୁଟ,୧୭।୧୦(ସ୍ୱ.ପ୍ର.)

କୋରାପୁଟସ୍ଥିତ ସାଂସ୍କୃତିକ ପରିଷଦ ପରିସରରେ ଦକ୍ଷିଣ ପଶ୍ଚିମ ପ୍ରାଥମିକ ଶିକ୍ଷାଧିକାରୀଙ୍କ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୧୧ଟି ଜିଲାର ୯୭ ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବରିଷ୍ଠ ଶିକ୍ଷା ଅଧିକାରୀ ଭାବେ ପଦୋନ୍ନତି ଦେବାରେ ଅବହେଳା କରୁଥିବା ବୈଠକରେ ଅଭିଯୋଗ କରାଯାଇଥିଲା। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଗ୍ରେଡ୍ ପେ ୪୨୦୦ ଟଙ୍କାର ଅସଙ୍ଗତିକୁ ବୈଠକରେ ଘୋର ନିନ୍ଦା କରାଯାଇଥିଲା । ଏହାର ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକକୁ ପୁରୁଷୋତ୍ତମ ମାଝି ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ



ବୈପାରୀଗୁଡ଼ା,୧୭।୧୦(ଡି.ଏନ୍.ଏ.): ସ୍ଥାନୀୟ ସରକାରୀ ମାଧମିକ ବିଦ୍ୟାଳୟରେ ଗୁରୁବାର ପଞ୍ଚାୟତ ସମିତି ସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୨ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ବ୍ଲକର ୨୦ଟି ବିଦ୍ୟାଳୟର ଶହେ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। କବାଡି, ଖୋ-ଖୋ, ଫୁଟ୍‌ବଲ, ଯୋଗ, ଦୌଡ଼କୁଦ ପ୍ରତିଯୋଗିତା ହୋଇଥିଲା। ୫୦ ଜଣ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ରଜନୀକାନ୍ତ ଦାସ, ବୈପାରୀଗୁଡ଼ା ହାଇସ୍କୁଲ ପ୍ରଧାନଶିକ୍ଷକ ସୁର୍ଜିତ କୁମାର ସାମଲ ଓ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କନକ ମଞ୍ଜରୀ ଭତ୍ରା ଯୋଗଦେଇ କ୍ରୀଡାବିତଙ୍କୁ ଦିଗଦର୍ଶନ ଦେଇଥିଲେ। ବ୍ଲକ ଟେକ୍‌ନିକାଲ ଆସିଷ୍ଟାଣ୍ଟ ସୁନିଲ ଦାସ ଏହାର ପରିଚାଳନା ଓ କ୍ରୀଡ଼ା ଶିକ୍ଷକ ଦୁର୍ଗା ଶଙ୍କର ମାଝି, ଦୁଃଶାସନ ସାହୁ, ଦିଲିପ ଦାସ, ସୌମେନ୍ଦ୍ର ପୂଜାରୀ ଓ ପ୍ରଶାନ୍ତ ମହାନ୍ତି ଏଥିରେ ସହଯୋଗ କରିଥିଲେ।

### ଦଂଶିଲା ନାଗ, ଜଣେ ଗୁରୁତର

ଦଶମନ୍ତପୁର,୧୭।୧୦(ଡି.ଏନ୍.ଏ.): କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆରଶୁଣି ଗ୍ରାମପଞ୍ଚାୟତର ଜଣେ ବ୍ୟକ୍ତି ସାପ କାମୁଡ଼ାରେ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ ନାରଙ୍ଗୀ ଗ୍ରାମର ନୀର ସାଉନ୍ତା (୪୫)। ସେ ନିଜ ଜମିରେ ପୋଡୁଚାଷ କରିବା ପାଇଁ ଗାଁ ନିକଟସ୍ଥ ଡଙ୍ଗରକୁ ଯାଇଥିଲେ। ଡଙ୍ଗରରେ ଅନାବନା ଡାଳଗୁଡ଼ିକ ସଫା କରି କାଟୁଥିବା ସମୟରେ ହଠାତ୍ କୁମ୍ଭିନାଗ ନୀରଙ୍କ ଡାହାଣ ପାଦରେ ଚୋଟ ମାରିଥିଲା। ଫଳରେ ସେ ଚିତ୍କାର କରିବାରୁ ତାଙ୍କ ସ୍ତ୍ରୀ ଦୌଡ଼ି ଆସି ଗାଁଲୋକଙ୍କୁ ଡାକ ପକାଇଥିଲେ। ସେମାନଙ୍କ ସହାୟତାରେ ନୀରଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

### ଏନ୍‌ସିସି ବାର୍ଷିକ ଶିବିର ଉଦ୍‌ଯାପିତ



ସେମିଲିଗୁଡ଼ା,୧୭।୧୦(ସ୍ୱ.ପ୍ର.): ସୁନାବେଡ଼ା ମିଗ୍‌ନଗରୀସ୍ଥିତ ଭିଏସ୍ ବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀର ବାର୍ଷିକ ଶିବିର ଆୟୋଜିତ ହୋଇଛି। ୧୦ଦିନ ବ୍ୟାପୀ ଆୟୋଜିତ ହୋଇଥିବା ଏହି ଶିବିରରେ କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲାର ୫୪୦ ଜଣ ଏନ୍‌ସିସି କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। କ୍ୟାମ୍ପ କମାଣ୍ଡାଣ୍ଟ କଲୋନେଲ୍ ସରୋଜ ମାଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ କ୍ୟାଡେଟଙ୍କୁ ବନ୍ଧୁକ ଚାଳନା, ବ୍ୟାୟାମ, ରୁଟ୍ ମାର୍ଚ୍ଚ, ଟେଣ୍ଟ ପିଚିଂ, ଅସ୍ତ୍ର ଚାଳନା ତାଲିମ ଦିଆଯାଇଥିଲା। ସୁନାବେଡ଼ା ସ୍ଥିତ କୋବ୍ରା ବାଟାଲିୟନର ପ୍ରଶିକ୍ଷକମାନେ ଯୁଦ୍ଧ କୌଶଳ ତାଲିମ ଦେଇଥିଲେ। ଏହାସହ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାର୍ଷିକ ଶିବିରର ଉଦ୍‌ଯାପନୀ ଉତ୍ସବ ସ୍ଥାନୀୟ ଭଞ୍ଜ ମଣ୍ଡପରେ ଆୟୋଜିତ ହୋଇଥିଲା। ଏଥିରେ ଭିଏସ୍ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ସେଠ୍ ମୁଖ୍ୟ ଅତିଥି, ସୁନାବେଡ଼ା ଆଇସିଏଆର୍ ନିର୍ଦ୍ଦେଶକ ଡ. ମଧୁ, ଭିଏସ୍ ବିଦ୍ୟାଳୟ ସମ୍ପାଦକ ତନବୀର ଆଲମ, ସୁନାବେଡ଼ା ସିସିବିଏଫ୍ ନିର୍ଦ୍ଦେଶକ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ କ୍ୟାଡେଟଙ୍କୁ ପୁରସ୍କୃତ କରିଥିଲେ। କଲୋନେଲ ସରୋଜ ମାଟି ଉଦ୍‌ଯାପନୀ ବକ୍ତବ୍ୟ ଦେଇଥିଲେ। ଭିଏସ୍ ବିଦ୍ୟାଳୟ ଏନ୍‌ସିସି ଅଧିକାରୀ ଡ. ବିନୋଦ କୁମାର ସହଯୋଗ କରିଥିଲେ।



କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ପରବ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

# ଜିଲାପାଳ ଉନ୍ମୋଚନ କଲେ 'ପରବ' ପୋଷ୍ଟର

କୋରାପୁଟ,୧୭।୧୦(ସ୍ୱ.ପ୍ର.)

କୋରାପୁଟ ସଦ୍‌ଭାବନା ସଭାଗୃହରେ ଗୁରୁବାର ଆୟୋଜିତ 'ପରବ-୨୦୧୯' ପ୍ରସ୍ତୁତି ବୈଠକରେ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଏହାର ପୋଷ୍ଟର ଉନ୍ମୋଚନ କରିଛନ୍ତି। ୨୦ରୁ ମାଛକୁଣ୍ଡର ଡୁଡୁମାରୁ ଆରମ୍ଭ ହେବାକୁ ଥିବା 'ପରବ' ପାଇଁ ବୈଠକରେ ବିଭିନ୍ନ ପ୍ରସ୍ତାବ ରଖାଯାଇଥିଲା। ଡୁଡୁମାର ମା' ପାତାଲେଶ୍ୱରୀ ମନ୍ଦିର ଓ ମାଛକୁଣ୍ଡ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ପରବ ମଶାଲ ପ୍ରଜ୍ୱଳନ କରାଯିବା ସହ ସେଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରିବ। ଲମତାପୁଟ ବ୍ଲକ ଚିକେନପୁଟ ପଞ୍ଚାୟତର ବାରଙ୍ଗବାଡ଼ି ପଡ଼ିଆରେ ମଶାଲ ସ୍ଥାପନା କରାଯାଇ ସେଠାରୁ ପରବର ଆନୁଷ୍ଠାନିକ ଶୁଭାରମ୍ଭ ହେବ। ପରବର ସଫଳ ଆୟୋଜନ ପାଇଁ ୧୭ଟି ବିଭିନ୍ନ କମିଟି ବୈଠକରେ ଗଠନ କରାଯାଇଥିଲା । ଚଳିତ ପରବ କେଉଁଠାରେ ପାଳନ ହେବ, ସେ ନେଇ ଏବେ ମଧ୍ୟ ପ୍ରଶାସନ ସ୍ଥିର କରି ନ ଥିବାବେଳେ ଆପାତତଃ ଲାଣ୍ଡିଗୁଡ଼ାସ୍ଥିତ ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ମୁଖ୍ୟ ମହୋତ୍ସବ କରାଯିବାର ସମ୍ଭାବନା ରହିଛି। ବୈଠକରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ ବୈଠକ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ଦୌଡ଼କୁଦ, ଯୋଗ ପ୍ରତିଯୋଗିତା

ଜୟପୁର,୧୭।୧୦(ନି.ପ୍ର.)

ଜୟପୁର ବ୍ଲକସ୍ତରୀୟ ବିଦ୍ୟାଳୟର ଦୌଡ଼କୁଦ ଓ ଯୋଗ ପ୍ରତିଯୋଗିତା ସରକାରୀ ଉଚ୍ଚ ବିଦ୍ୟାଳୟ ଆମ୍ବାଗୁଡ଼ାରେ ଅନୁଷ୍ଠିତ ହୋଇଛି। ଏଥିରେ ସୁରେନ୍ଦ୍ର ପଟ୍ଟନାୟକ, ପ୍ରଧାନ ଶିକ୍ଷକ ଗୋବିନ୍ଦ ସାହୁ, ଜୟପୁର ବି.ଟି.ଏ ପ୍ରସନ୍ନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଦୌଡ଼କୁଦ ଓ ଯୋଗ ପାଇଁ ସର୍ବମୋଟ ୯୧ ଜଣ ଛାତ୍ରୀଛାତ୍ର ଓ ୨୦ ଜଣ ଖେଳ ଶିକ୍ଷକ ଉପସ୍ଥିତ ଥିଲେ । ବ୍ଲକ ସ୍ତରରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ୧୯ରେ କୁନ୍ଦୁରାରେ ହେବାକୁ ଥିବା ଜିଲାସ୍ତରୀୟ ଦୌଡ଼କୁଦ ଓ ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଦୌଡ଼କୁଦ ପାଇଁ ଏଠାରୁ ୧୨ ଜଣ ଓ ଯୋଗ ପାଇଁ ୪ ଜଣ ଜିଲାସ୍ତରୀୟ ପ୍ରତିଯୋଗିତାରେ କୁନ୍ଦୁରା ଯିବେ। ସଭାକୁ ନରେଶ ଷଡ଼ଙ୍ଗୀ, ନିରଞ୍ଜନ ପାଣିଗ୍ରାହୀ ପରିଚାଳନା କରିଥିଲେ । ନଳିନୀ ମହାପାତ୍ର, ମିନତି ପାତ୍ର, ଶୁଭେନ୍ଦୁ ପ୍ରଧାନ, ମିନାମୟୀ ପରଜା ସହଯୋଗ କରିଥିବା ବେଳେ ବାପି ମହାନ୍ତି ଧନ୍ୟବାଦ ଦେଇଥିଲ।

# କୁଙ୍କୁମରେ ଲକ୍ଷ୍ମୀଙ୍କ ଅଭିଷେକ କଲେ ମହିଳା

ଜୟପୁର,୧୭।୧୦(ଡି.ଏନ୍.ଏ./ନି.ପ୍ର.)

ଜୟପୁର ରଥପଡ଼ିଆରେ ଆୟୋଜିତ ଗଜଲକ୍ଷ୍ମୀ ପୂଜାରେ ସ୍ଥାନୀୟ ଅଞ୍ଚଳର ୬୦ ଜଣ ମହିଳା ଭକ୍ତ କୁଙ୍କୁମ ପୂଜା କରିବା ସହିତ ଦେବୀଙ୍କୁ ଅଭିଷିକ୍ତ କରିଛନ୍ତି। ରଥପଡ଼ିଆ ପୂଜା କମିଟି ପକ୍ଷରୁ ଗତ କୁମାର ପୂର୍ଣ୍ଣିମାଠାରୁ ଆୟୋଜିତ ଏହି ଗଜଲକ୍ଷ୍ମୀ ପୂଜାରେ ଗୁରୁବାର ଦେବୀଙ୍କ ନିକଟରେ ମହିଳାମାନେ ଧୂପଦୀପ, ଫଳଫୁଲ ସହ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଦେବୀଙ୍କୁ କୁଙ୍କୁମରେ ଅଭିଷେକ କରାଯାଇଥିଲା। ପୂଜକ କୃଷ୍ଣଚନ୍ଦ୍ର ଦାସ ଓ ଓମ୍‌କାର ନାଥ ପାଢ଼ୀ ଲକ୍ଷ୍ମୀଙ୍କ କୁଙ୍କୁମ ଅଭିଷେକ, ହରିଦ୍ରା ଅଭିଷେକ, ଜଳାଭିଷେକ, ହୋମଯଜ୍ଞ କରିଥିଲେ। ସନ୍ଧ୍ୟାରେ ସାମୂହିକ ଦୀପଦାନ, ବେଦପାଠ ହୋଇଥିଲା । ପୂଜା କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗଜଲକ୍ଷ୍ମୀ ପୂଜାରେ ଦେବୀଙ୍କ କୁଙ୍କୁମ ଅଭିଷେକ କରୁଛନ୍ତି ମହିଳାମାନେ।

# ଉଠା ଦୋକାନୀଙ୍କୁ ସ୍ଥାନାନ୍ତର କଲା ସିଟିଜେନ୍ କମିଟି

ଜୟପୁର,୧୭।୧୦(ଡି.ଏନ୍.ଏ.)

ଜୟପୁର ସହରର କୁମାର ବିଦ୍ୟାଧର ସିଂଦେଓ ଦୈନିକ ବଜାର ସମ୍ମୁଖ ଏବଂ ପୁରୁଣା ମାଛ ବଜାର ରାସ୍ତା ପାର୍ଶ୍ୱରେ ପନିପରିବା ଉଠା ଦୋକାନୀ ଓ ଠେଲା ଦୋକାନୀଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଜୟପୁର ସିଟିଜେନ କମିଟିର ସଦସ୍ୟମାନେ ଦୁଇଦିନ ହେଲା ଅଭିନବ ଉପାୟରେ ଏହି ଚେଷ୍ଟା ଚଳାଇଛନ୍ତି। ରାସ୍ତା ପାର୍ଶ୍ୱରେ ଏପରି ଉଠା ଓ ଠେଲା ଦୋକାନୀଙ୍କ ବ୍ୟବସାୟ ଯୋଗୁ ଅବରୋଧ ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏନେଇ ବାରମ୍ବାର ପୌରସଂସ୍ଥା ଓ ପୋଲିସ ପାଖରେ ଅଭିଯୋଗ ହେଉଥିଲେ ସୁଦ୍ଧା ଉଭୟ ବିଭାଗ ପରସ୍ପର ଉପରକୁ ଦାୟିତ୍ୱ ଖସାଇ ଚାଲିଛନ୍ତି। ଶେଷରେ ଗତ ବୁଧବାର ପୂର୍ବାହ୍ନରୁ କମିଟିର ସଭାପତି ମୀନକେତନ ଦାଶ, ସଂପାଦକ ପଣ୍ଡିତ ଗୀତା ପ୍ରକାଶ ମିଶ୍ର ଦୋକାନୀଙ୍କୁ ଏଥିପାଇଁ ଅନୁରୋଧ କରିଥିଲେ। କେତେକ ଏହିପରି ସ୍ଥାନାନ୍ତର ହୋଇଥିଲେ। ଅନ୍ୟ କେତେକ ଜାଗା ନ ପାଇ ଦୋକାନ ବନ୍ଦ କରିଥିଲେ। ଗୁରୁବାର ସଭାପତି ଦାଶ ଏବଂ ସଂପାଦକ ମିଶ୍ରଙ୍କ ସମେତ କମିଟିର କୃଷ୍ଣ କେଶବ ଷଡ଼ଙ୍ଗୀ, ଯାଦବ ସୁବୁଦ୍ଧି, ଜଗନ୍ନାଥ ମିଶ୍ର, ଜଗନ୍ନାଥ ସେବା ସମିତିର ସଦସ୍ୟ ଭବାନୀ ଚରଣ ଆଚାର୍ଯ୍ୟ ଏହି କାମରେ ସାମିଲ ହୋଇଥିଲେ। ପୂର୍ବାହ୍ନ ସାଢ଼େ ୬ରୁ ୧୨ଟା ଯାଏ ଉଠା ଓ ଠେଲା ଦୋକନୀଙ୍କୁ ଅନୁରୋଧ କରି ସ୍ଥାନାନ୍ତର କରାଯାଇଥିଲା। ଟାଉନଥାନା ପୋଲିସ ପହଞ୍ଚି ସହାୟତା କରିଥିଲା।





ସିଟିଜେନ୍ କମିଟି ସଦସ୍ୟ ସ୍ଥାନାନ୍ତର ପ୍ରକ୍ରିୟା ଚଳାଇଛନ୍ତି।

# ଟ୍ରକ୍ ଓ ଟିପ୍ପର ମାଲିକ ସଂଘ ବୈଠକ

ଦାମନଯୋଡ଼ି,୧୭।୧୦(ଡି.ଏନ୍.ଏ.)

ନାଲକୋ କମ୍ୟୁନିଟି ସେଣ୍ଟରରେ ଦାମନଯୋଡ଼ି ମା' କଣ୍ଟାବାଉଁଶୁଣୀ ଟ୍ରକ ଓ ଟିପ୍ପର ମାଲିକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ଆଇନ ପରାମର୍ଶଦାତା ସୁଦର୍ଶନ ଗୌଡ଼ଙ୍କ ଅଧ୍ୟକ୍ଷତାରେ ସଂଘରେ ଉପୁଜିଥିବା ଅନ୍ତର୍ଦ୍ୱନ୍ଦ୍ୱ ଓ ମତଭେଦ ଉପରେ ଆଲୋଚନା ସହ ସଂଘର ନିର୍ବାଚନ ପାଇଁ ଦିନଧାର୍ଯ୍ୟ ମଧ୍ୟ କରାଯାଇଥିଲା। ନଭେମ୍ବର ୮ରେ ନାମାଙ୍କନ, ୯ରେ ପ୍ରାର୍ଥିପତ୍ର ଯାଞ୍ଚ ଓ ପ୍ରତ୍ୟାହାର ଏବଂ ୧୦ରେ ନିର୍ବାଚନ କରାଯିବ। ବୈଠକରେ ସଂଘର ସୁଦର୍ଶନ ଖୋସଲା, ଘାସିରାମ ଖରା, ଅନନ୍ତ ବାଗ, ଶଶଧର ରାଉତ, ସନ୍ତୋଷ ବାରିକ, ବିଜୟ ବିହାରୀ ପାତ୍ର, ସୁଧାକର ବେହେରା, ବାଞ୍ଛାନିଧି ଶ୍ରୀହରିଆ ଓ ଭୁବନ କୁଲଦୀପ ବିଭିନ୍ନ ସମସ୍ୟା ବିଷୟରେ ମତବ୍ୟକ୍ତ କରିଥିଲେ। ନିର୍ବାଚନ ହେବା ପର୍ଯ୍ୟନ୍ତ ସଂଘର ପରିଚାଳନା ଦାୟିତ୍ୱ ସମ୍ପାଦକ ବାଞ୍ଛାନିଧି ଶ୍ରୀହରିଆଙ୍କ ଉପରେ ନ୍ୟସ୍ତ କରାଯାଇଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ସୁନାବେଡ଼ା ଥାନା ଏସ୍‌ଆଇ ଇଗ୍ନେଶ ବାର୍ଲା, ଡି.ପି. ନାୟକ ଓ ଏନ୍. ବିଶ୍ୱନାଥ ଉପସ୍ଥିତ ଥିଲେ।

# ପଖନାଗୁଡ଼ାରେ ଥମୁନି ବିବାଦ

## ଅବକାରୀ ଏସ୍‌ଆଇ ମଦପିଇ ତଦନ୍ତରେ ଆସିଥିବା ଉପଜିଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ

କୁନ୍ଦୁରା,୧୭।୧୦(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକରେ ମଦ ବିରୋଧୀ ଆନ୍ଦୋଳନର ଡାକରା ଦେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ନବଗଠିତ ପଖନାଗୁଡ଼ା ପଞ୍ଚାୟତର ବିଭିନ୍ନ ମହିଳା ସଂଗଠନ । ସେଠାରେ ଦେଶୀ ମଦ ତିଆରି, ବିହାରୀ ମଦ ବିକ୍ରିକୁ ବିରୋଧ କରିଛନ୍ତି ପଖନଗୁଡା, ଘାଡଙ୍ଗାଗୁଡା, ମାକିଡିଗୁଡା, ଟଭାପଦର ଗ୍ରାମର ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂସହାୟକ ସଂଘ। ଏଥିପାଇଁ ମଦ ବେପାରୀଙ୍କୁ ତାଗିଦ୍ କରିବା ବେଳେ ଜଣେ ମହିଳା ଆକ୍ରମଣର ଶିକାର ହୋଇଥିଲେ। ମଦ ବିକ୍ରେତାଙ୍କୁ ଗିରଫ ଦାବିରେ କୁନ୍ଦୁରା ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ଜରିଆରେ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଥିଲା। ଏତେସବୁ ପରେ ଚୁପ୍ ବସିଥିବା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଏସ୍‌ଆଇ ସନ୍ତୋଷ ପାଉଲେ ଓ ତାଙ୍କ ଟିମ୍ ତଦନ୍ତ ପାଇଁ ପଖନାଗୁଡ଼ା ପହଞ୍ଚିଥିଲେ। କିନ୍ତୁ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଯେଉଁମାନଙ୍କ ଘରୁ ମଦ ଜବତ ହେଲା, ସେମାନଙ୍କଠାରୁ ପ୍ରତି ମାସରେ ଅବକାରୀ ବିଭାଗ ମୋଟା ଅଙ୍କର ବଟି ଆଦାୟ କରୁଛି। ତେଣୁ ସେମାନଙ୍କୁ ଗିରଫ କରିବା ପାଇଁ ବିଭାଗର ସାହସ ନଥିବା ମହିଳାମାନେ କହିଥିଲେ। ଅନ୍ୟପକ୍ଷରେ ସେଦିନ ଖାଇବାକୁ ଯାଇ ଆସୁଛୁ କହି ଅବକାରୀ ବିଭାଗ ଖସିଯିବାକୁ ଚେଷ୍ଟା କରିଥିଲା। ସନ୍ଧ୍ୟାରେ ପ୍ରଥମେ କୁନ୍ଦୁରା ଥାନାର ଟିମ୍ ସେଠାରୁ ଫେରିବାର ଅଧଘଣ୍ଟା ପରେ ଅବକାରୀ ବିଭାଗ ପୁଣି ପହଞ୍ଚିଥିଲା। ଗ୍ରାମବାସୀ ଓ ଅବକାରୀ ବିଭାଗର ଆଲୋଚନା ବେଳେ ଜଣେ ମଦ ବିକ୍ରେତା ଟଭାପଦର ୱାର୍ଡମେମ୍ବର ଖାଡି ଭତ୍ରାଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କିନ୍ତୁ ଅବକାରୀ ଏସ୍‌ଆଇଙ୍କ ବ୍ୟବହାର ମାତାଲଙ୍କ ଭଳି ଥିବା ଯୋଗୁ ଗ୍ରାମବାସୀ ଜୟପୁର ଉପଜିଲାପାଳଙ୍କୁ ଜଣାଇଥିଲେ। ଉପଜିଲାପାଳ ଲୋକନାଥ ଦଳବେହେରା କହିଥିଲେ, ସେ କୁନ୍ଦୁରା ପୋଲିସକୁ ଜଣାଇଛନ୍ତି। ଅବକାରୀ ଅଧୀକ୍ଷକ ଦେବୀ ଦାସ କହିଥିଲେ, ସେ ମାତାଲ ନୁହନ୍ତି। ରକ୍ତଚାପ ଅଧିକ ଥିବା ଓ ବୟସ ହୋଇଥିବା ଯୋଗୁ ସେ କଥା ହେବାବେଳେ ଧଇଁସଇଁ ହେଉଛନ୍ତି।

## ■ ପ୍ରଶାସନ ଅଣଦେଖା ସତ୍ତ୍ୱେ ଫୁଣ୍ଡାଗୁଡ଼ାବାସୀଙ୍କ ପ୍ରୟାସ

# କାଠ, ବାଉଁଶରେ ତିଆରି କଲେ ପୋଲ

ଦଶମନ୍ତପୁର,୧୭।୧୦(ଡି.ଏନ୍.ଏ.)

ପ୍ରଶାସନ ପ୍ରତିଶ୍ରୁତି ଦେଉଥିଲା। ନିର୍ବାଚନ ଆସିଲେ ରାଜନେତା ମଧ୍ୟ ପ୍ରତିଶ୍ରୁତି ଦେଉଥିଲେ। ଗାଁକୁ ତିଆରି କରିବେ ପୋଲ। କିନ୍ତୁ ଏହି ପ୍ରତିଶ୍ରୁତି ସବୁଥର ପାଣିର ଗାର ପାଲଟୁଥିଲା। ଦୁର୍ଦ୍ଦଶା ଭିତରେ ଚଳୁଥିଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତର ଫୁଣ୍ଡାଗୁଡ଼ା ଗାଁର ଲୋକେ। ଅବହେଳା ଅସହ୍ୟ ହେବା ପରେ ଗାଁଲୋକେ ନିଜ ଚେଷ୍ଟାରେ ଏବେ କାଠ, ବାଉଁଶ ଏକାଠି କରି ତିଆରି କରିଛନ୍ତି ଅସ୍ଥାୟୀ ପୋଲ।

ଫୁଣ୍ଡାଗୁଡ଼ାରେ ପ୍ରାୟ ୩୫ ପରିବାର ରହୁଛନ୍ତି। ଗାଁରୁ ଯାଇଥିବା ରାସ୍ତା ଉପରେ ଭଣ୍ଡିସିଲ, ଡେଙ୍ଗାଗୁଡ଼ା, କାଳିଆମ୍ବ, ଗୁଗାନ, କୋସ୍କୋଟା ଏବଂ ଡକ୍ରିବେଡ଼ା ଭଳି ୬ଟି ଗାଁ ନିର୍ଭର କରୁଛି। ଗର୍ଭବତୀ କିମ୍ବା ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ୧୦୦ ମିଟର ଓସାରର ଏହି ପୁଡ଼ନଦୀ ପାର ହେବାକୁ ପଡ଼େ। ଫି ବର୍ଷ ବର୍ଷାଋତୁରେ ସେହି ନଦୀ ପାର ହେବାବେଳେ ଚାଷୀଙ୍କ ଗାଇଗୋରୁ ଭାସିଯାଉଛନ୍ତି। ୨୦୧୫ରେ ୨ ଜଣ, ୨୦୧୬ରେ ଜଣେ ଏହି ନଦୀରେ ଭାସିଯାଇଥିଲେ। ଗାଁର କେଶ ଦିଶାରୀ, ମେଟା ମୁଦୁଲି, ହରି କମାର, ଆଈ ଓ ନାତି ନଦୀସୁଅରେ ଭାସିଗଲେଣି। ଗତ ଅଗଷ୍ଟରେ ନବୀନ ବିଶୋଇଙ୍କ ଗର୍ଭବତୀ ସ୍ତ୍ରୀ ନାଇନାଙ୍କୁ ବୋହି ଡାକ୍ତରଖାନା ନିଆଯିବା ବେଳେ ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇ ସେ ନଦୀକୂଳରେ ହିଁ ପ୍ରସବ କରିଥିଲେ। ଗତ ୨୪ ଜୁଲାଇରେ ମାଧବ ବିଶୋଇଙ୍କ ଗର୍ଭବତୀ ସ୍ତ୍ରୀ ପଦ୍ମିନୀଙ୍କୁ ଗାଁର କିଛି ମହିଳା ବୋହିନେଇ ନଦୀ ପାର କରାଉଥିଲେ। ଏହାସତ୍ତ୍ୱେ ପ୍ରଶାସନ କିମ୍ବା ନେତା ଏହି ଗାଁ ପ୍ରତି ଅଣଦେଖା କରୁଥିବା ଗ୍ରାମର ହରିଶ୍ଚନ୍ଦ୍ର ବିଶୋଇ, ମହାଦେବ ବିଶୋଇ, ଲାଲାମଣି ମାଣ୍ଡିଙ୍ଗା, ଲବ ବିଶୋଇ, ଲାବଣ୍ୟ ବିଶୋଇ, ପଦ୍ମନ ବିଶୋଇଙ୍କ ସମେତ ୬ଟି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାସହ ପ୍ରଶାସନକୁ ଅପେକ୍ଷା ନ କରି ସେମାନେ ନିଜେ ନଦୀ ଉପରେ କାଠ ବାଉଁଶ ଯୋଡ଼ି ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ୍ ବର୍ଜନ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।





ପୁଡ଼ ନଦୀରେ ବାଉଁଶ ଓ କାଠ ଦ୍ୱାରା ଗାଁ ଲୋକେ ଅସ୍ଥାୟୀ ପୋଲ ତିଆରି କରିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ କ୍ଲିନିକ ଯାଞ୍ଚ

**ନବରଙ୍ଗପୁର,୧୭।୧୦(ବି.ପ୍ର.)**



ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଗଜପତ୍ର ଯାଞ୍ଚ କରୁଛନ୍ତି ।

ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ସ୍ୱାଇଁ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ମେଡିକାଲ) ଡାକ୍ତର ବିଜୟ କୁମାର ସହରର ବିଭିନ୍ନ କ୍ଲିନିକ ଗୁଡିକ ଯାଞ୍ଚ କରିଥିଲେ । ସଞ୍ଜୀବନୀ କ୍ଲିନିକର କୌଣସି ସରକାରୀ ପଞ୍ଜିକରଣ କାଗଜ ପତ୍ର ନଥିବା ଜାଣିବାକୁ ମିଳିଥିଲା। ମଡେନ ପାଥୋଲୋଜି, ଜେନେରାଲ କ୍ଲିନିକ ଓ ଲାଏନ୍ସ ଏମଜେଏମ (ମାଲଭିନ ଜୋନ୍ସ ମେମୋରିଆଲ) କ୍ଲିନିକର କାଗଜ ପତ୍ର ଠିକ ରହିଥିବା କହିଥିଲେ। ପଞ୍ଜିକରଣ ଗୁଡିକ ନବୀ କରଣ ପାଇଁ ଆବେଦନ ହୋଇଥିବା ଦର୍ଶା ଯାଇଥିଲା । ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ସିଡିଏମଓ କହିଥିଲେ । ଯାଞ୍ଚ ସମୟରେ ଲାୟନ୍ସ କ୍ଲବର ସଭାପତି ଜଗନ୍ନାଥ ମହାପାତ୍ର, ସମ୍ପାଦକ ଭୁବନେଶ୍ୱର ସୁର, ଲାଏନ୍ସ କେ.ଡି ପଟ୍ଟନାୟକ, ଶ୍ରୀକାନ୍ତ ମହାନ୍ତି, ଡି.ଶ୍ରୀନିବାସ ଓ ଡିଏମପି. ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ୩ ଦାଦନ ସର୍ଦ୍ଦାର ଗିରଫ

**ଚନ୍ଦାହାଣ୍ଡି,୧୭।୧୦(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବେହେରାମୁଣ୍ଡାର ଗ୍ରାମର ଦାଦନ ସର୍ଦ୍ଦାର ମହମ୍ମଦ ଆଲପ ଖାନ, ନିଜାରତ ଖାନ, ଅର୍ଜୁନ ସିହ୍ନାଙ୍କୁ ପୋଲିସ ଗରିଫ କରି କୋର୍ଟ ଚାଲାଣ କରିଛି। ଆଲପ ଖାନ ଓ ନିଜାରତ ଖାନ ଦୀର୍ଘ ବର୍ଷରୁ ନବରଙ୍ଗପୁର, କଳାହାଣ୍ଡି, ଛତିଶଗଡରୁ ବହୁ ଶ୍ରମିକଙ୍କୁ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ପଠାଉଥିଲେ। ଲୋକମାନଙ୍କୁ ଇଟାଭାଟିରେ କାମ କରିବାକୁ ଛାଡି ଇଟାଭାଟି ମାଲିକମାନଙ୍କ ଠାରୁ ମୋଟା ରକମର କମିଶନ ପାଉଥିଲେ। ସେମାନେ ବିରୋଧ ଥାନାରେ ବହୁଥର ଅଭିଯୋଗ ହୋଇଥିଲା। ଆଇଆଇସି ଅଭୟ ବେହେରାଙ୍କ ସହ ପୋଲିସ ଟିମ ଚଢାଉ କରି ସେମାନଙ୍କୁ ଗ୍ରାମରୁ ଗିରଫ କରିଥିଲେ। ଥାନାରେ ନଂ ୧୨୦/୧୯ରେ ଏକ ମାମଲା ରୁଜୁ ହୋଇଛି।

# ନବରଙ୍ଗପୁର ଜିଲା ହେଲା ବାହ୍ୟ ମଳମୁକ୍ତ

**ନବରଙ୍ଗପୁର,୧୭।୧୦(ବି.ପ୍ର.)**



ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମାନପତ୍ର ପ୍ରଦାନ କରାଯାଉଛି ।

ନବରଙ୍ଗପୁର ହେଲା ବାହ୍ୟମଳ ମୁକ୍ତ ଜିଲା। କେନ୍ଦ୍ର ସରକାର ଏକ ମାନପାତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। । ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷ ଠାରେ ରାଜସ୍ୱ ବିଭାଗର ସମୀକ୍ଷା ବୈଠକରେ ଜିଲାପାଳ ଅଜିତ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୁତାର, ଉପଜିଲାପାଳ ଭାସ୍କର ରଇତୋଙ୍କ ଉପସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକଙ୍କୁ ଏହି ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରଶାସନ ଓ ଜନସାଧାରଣଙ୍କ ସହଯୋଗରେ ଏହା ସଫଳ ହୋଇପାରିଛି ବୋଲି ଜିଲାପାଳ କହିଥିଲେ । ଏନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ କହିଥିଲେ ଯେ ଜିଲାର ୧୮୯ ପଞ୍ଚାୟତର ୮୬୫ଟି ଗାଁରେ ଏଯାଏ ୨ ଲକ୍ଷ ୪୮ ହଜାର ୨୫୪ ପାଇଖାନା ନିର୍ମାଣ ହୋଇଛି । ୫୦ ହଜାର ପାଇଖାନା ଆସନ୍ତା ଡିସେମ୍ବର ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ଜନସାଧାରଣଙ୍କ ସହଯୋଗରେ ଲକ୍ଷ ଧାର୍ଯ୍ୟ ପୂରଣ ହୋଇଥିବା ସେ କହିଛନ୍ତି।

## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.: RDM-LAA-MBJ-0011-2019/15243/R&DM** **Dated: 28 May 2019**

**No.: XXI-44:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହଳଦିଆ ଜଳଭଣ୍ଡାର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ଦରଦରା, ଥାନା– କୁଳିଅଣା ନଂ. ୨୫୮, ତହସିଲ– କୁଳିଅଣା, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫୦.୭୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହଳଦିଆ ଜଳଭଣ୍ଡାର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଏସ୍.ଆଇ. ଡିଭିଜନ ନଂ.-୧, ଖାରପୋଖରିଆ, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତି ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | କୁଳିଅଣା | ଦରଦରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫୦.୭୫ | ଏ.୫୦.୭୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.-୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ

**ସ୍ୱା./– ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ**

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା– ୪୬/୨୦୧୮, ଏ.୫୦.୭୫ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ହଳଦିଆ ଜଳଭଣ୍ଡାର**

**ମୌଜା– ଦରଦରା, ଥାନା– କୁଳିଅଣା ନଂ. – ୨୫୮, ତହସିଲ– କୁଳିଅଣା, ଜିଲ୍ଲା– ମୟୂରଭଞ୍ଜ**

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୮୨ | ୦.୦୯ | ୦.୦୯ | ଘରବାରି | ଅଯୋଧ୍ୟା ଧିର, ପି.– ରଘୁନାଥ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୧୦ | ୦.୧୮ | ୦.୧୮ | ଡାହି ଏକ | |
| | ୧୧୩ | ୦.୦୬ | ୦.୦୬ | ଡାହି ଏକ | |
| | ୧୬୨ | ୦.୧୦ | ୦.୧୦ | ଘରବାରି | |
| | ୧୭୧ | ୦.୦୨ | ୦.୦୨ | ଘରବାରି | |
| | ୧୭୬ | ୦.୦୩ | ୦.୦୩ | ଘରବାରି | |
| | ୧୮୭ | ୦.୦୨ | ୦.୦୨ | ଘରବାରି | |
| ୪ | ୨୧୦ | ୦.୧୮ | ୦.୧୮ | ଘରବାରି | ଇଶ୍ୱର ଚନ୍ଦ୍ର ଧଳ, ପି: ମଡ଼ିଆ ଧଳ, ଜ୍ଞାନରଞ୍ଜନ ଧଳ, ପି: ଭଗବାନ ଧଳ, ଜା: ଭଞ୍ଜପୁରାଣ, ବା: ନିଜଗାଁ |
| ୫ | ୧୩୪ | ୦.୦୮ | ୦.୦୮ | ଘରବାରି | ଉଦୟ ନାଥ ଧଳ, ପି: ମେଘା ଧଳ, ଜା: ପୁରାଣ, ବା: ନିଜଗାଁ |
| ୬ | ୧୨୩ | ୦.୫୯ | ୦.୫୯ | ଡାହି ଏକ | କନ୍ଦି ନାଏକ, ସ୍ୱା: କାରା ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୧୫୩ | ୦.୦୪ | ୦.୦୪ | ଘରବାରି | |
| | ୧୫୯ | ୦.୦୭ | ୦.୦୭ | ଆଶୁ | |
| | ୧୭୧/୭୧୯ | ୦.୦୨ | ୦.୦୨ | ଘରବାରି | |
| ୭ | ୬୭ | ୦.୦୬ | ୦.୦୬ | ଡାହି ଏକ | କର୍ପୂ ନାଏକ, ପି: କାନ୍ଦ୍ରା ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୬୯ | ୦.୦୬ | ୦.୦୬ | ଡାହି ଏକ | |
| | ୭୦ | ୦.୦୭ | ୦.୦୭ | ଡାହି ଏକ | |
| | ୭୧ | ୦.୧୦ | ୦.୧୦ | ଡାହି ଏକ | |
| | ୭୬ | ୦.୪୧ | ୦.୪୧ | ଡାହି ଏକ | |
| | ୧୦୨ | ୦.୨୨ | ୦.୨୨ | ଡାହି ଏକ | |
| | ୧୯୨ | ୦.୩୩ | ୦.୩୩ | ଘରବାରି | |
| | ୧୯୩ | ୦.୦୮ | ୦.୦୮ | ଘରବାରି | |
| | ୫୫୨ | ୦.୨୩ | ୦.୨୩ | ଆଶୁ | |
| ୮ | ୮୧ | ୦.୧୫ | ୦.୧୫ | ଘରବାରି | କରଣ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ଶ୍ରୀଚନ୍ଦନପୁର, ଜବରଦଖଲ, ବା: ନିଶାମଣି ଧିର, ପି: ଅଙ୍କୁର ଧିର, ଜା: ପୁରାଣ, ବା: ନିଜଗାଁ |
| ୯ | ୧୭୨/୭୧୮ | ୦.୦୨ | ୦.୦୨ | ଘରବାରି | କାଠିଆ ଧିର, ପି: ରାମଚନ୍ଦ୍ର ଧିର, ବୁଧ ଧିର, ସ୍ୱା: ରାମଚନ୍ଦ୍ର ଧିର, ପୂର୍ଣ୍ଣଚନ୍ଦ୍ର ଧିର, ପି: ଲାଲମଣି ଧିର, କାଳା ଧିର, ମୁରଲୀ ଧିର, ପି: କୃଷ୍ଣ ଧିର, ଜା: ପୁରାଣ, ବା: ନିଜଗାଁ |
| ୧୧ | ୧୨୪ | ୦.୬୨ | ୦.୬୨ | ଘରବାରି | କାଳା ନାଏକ, ପି: ଶିବ ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୧୪୮ | ୦.୦୨ | ୦.୦୨ | ଘରବାରି | |
| | ୧୪୯ | ୦.୧୦ | ୦.୧୦ | ଘରବାରି | |
| | ୫୪୯ | ୦.୦୭ | ୦.୦୭ | ଶାରଦ ତିନି | |
| ୧୨ | ୨୦୪ | ୦.୦୭ | ୦.୦୭ | ଘରବାରି | କାଶିନାଥ ଧଳ, ଦ୍ୱାରୀ ଧଳ, ପି: ନନ୍ଦ ଧଳ, ଜା: ପୁରାଣ, ବା: ନିଜଗାଁ |
| ୧୪ | ୧୦୭ | ୦.୧୭ | ୦.୧୭ | ଡାହି ଏକ | କାଶିନାଥ ଧଳ, ଦ୍ୱାରୀ ଧଳ, ପି: ନନ୍ଦ ଧଳ, ପରମେଶ୍ୱର ଧଳ, ବୃନ୍ଦାବନ ଧଳ, ରାମଚନ୍ଦ୍ର ଧଳ, ପ୍ରଫୁଲ୍ଲ ଧଳ, ପାର ଧଳ, ଶାର ଧଳ, ପି: ଦେବା ଧଳ, ଜା: ପୁରାଣ, ବା: ନିଜଗାଁ |
| | ୧୯୬ | ୦.୨୮ | ୦.୨୮ | ଘରବାରି | |
| | ୧୯୭ | ୦.୦୭ | ୦.୦୭ | ଘରବାରି | |
| | ୨୦୨ | ୦.୦୮ | ୦.୦୮ | ଘରବାରି | |
| | ୨୦୩ | ୦.୦୭ | ୦.୦୭ | ଘରବାରି | |
| | ୨୦୫ | ୦.୦୭ | ୦.୦୭ | ଘରବାରି | |
| ୧୬ | ୧୨୧ | ୦.୨୬ | ୦.୨୬ | ଡାହି ଏକ | କେଦାରନାଥ ନାଏକ, ମଣ୍ଟୁ ନାଏକ, ସ୍ୱପ୍ନେଶ୍ୱରୀ ନାଏକ, ଭାରତୀ ନାଏକ, ପି: କୁଳମଣୀ ନାଏକ, ଲତା ନାଏକ, ସ୍ୱା: କୁଳମଣି ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୧୫୧ | ୦.୧୩ | ୦.୧୩ | ଘରବାରି | |
| ୧୭ | ୧୭୫ | ୦.୦୩ | ୦.୦୩ | ଘରବାରି | ଖଇରା ଧିର, କାର୍ତ୍ତିକ ଧିର, ପି: ଚିନ୍ତାମଣି ଧିର, ଗୁର ଧିର, ସ୍ୱା: ଚିନ୍ତାମଣି ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୭୮ | ୦.୦୮ | ୦.୦୮ | ଘରବାରି | |
| ୨୦ | ୬୩ | ୦.୦୭ | ୦.୦୭ | ଘରବାରି | ଗୁରୁ ଚରଣ ଧିର, ପି: ନୋକିଆ ଧିର, ଜା: ପୁରାଣ, ବା: ନିଜଗାଁ |
| ୨୧ | ୧୬୪ | ୦.୧୦ | ୦.୧୦ | ଘରବାରି | ଗୋପାଳ ଧିର, ପି: ପଞ୍ଚୁ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୬୧/୭୪୯ | ୦.୧୫ | ୦.୧୫ | ଆଶୁ | |
| ୨୨ | ୭୨ | ୦.୧୦ | ୦.୧୦ | ଘରବାରି | ଗୌରୀ ନାଏକ, ନୀର ନାଏକ, ସହଦେବ ନାଏକ, ପି: ଅକ୍ଷୟ ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୭୩ | ୦.୩୭ | ୦.୩୭ | ଘରବାରି | |
| | ୭୮ | ୦.୩୧ | ୦.୩୧ | ଡାହି ଏକ | |
| | ୫୫୪ | ୦.୩୧ | ୦.୩୧ | ଆଶୁ | |
| ୨୩ | ୧୧୨ | ୦.୨୨ | ୦.୨୨ | ଡାହି ଏକ | ଚତୁର୍ଭୁଜ ଧିର, ପି: ରଘୁନାଥ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୯୦ | ୦.୦୨ | ୦.୦୨ | ଘରବାରି | |
| ୨୬ | ୮୪ | ୨.୦୩ | ୨.୦୩ | ଡାହି ଏକ | ଚନ୍ଦ୍ରମୋହନ ମାଝୀ, ଲାଲ ମୋହନ ମାଝୀ, କ୍ଷେତ୍ର ମୋହନ ମାଝୀ, ପି: ବାସ ମାଝୀ, ପ୍ରତାପ ମାଝୀ, ପି: ମହେନ୍ଦ୍ର ମାଝୀ, ରାଧୀ ମାଝୀ, ସ୍ୱା: ମହେନ୍ଦ୍ର ମାଝୀ, ରାମ ମାଝୀ, ପି: ସୁନ୍ଦର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୨୭ | ୦.୧୩ | ୦.୧୩ | ଡାହି ଏକ | |
| | ୧୨୮ | ୧.୧୮ | ୧.୧୮ | ଶାରଦ ତିନି | |
| | ୫୫୫ | ୦.୩୨ | ୦.୩୨ | ଶାରଦ ତିନି | |
| ୨୭ | ୨୧୧/୭୪୪ | ୦.୦୫ | ୦.୦୫ | ଘରବାରି | ଚିତ୍ତରଞ୍ଜନ ଧଳ, ପି: ଭଗବାନ ଧଳ, ଜା: ପୁରାଣ, ବା: ନିଜଗାଁ |
| | ୨୧୨/୭୪୫ | ୦.୦୪ | ୦.୦୪ | ଘରବାରି | |
| ୩୦ | ୯୯ | ୦.୩୭ | ୦.୩୭ | ଘରବାରି | ଛୁଟୁ ବିନ୍ଧାଣି, ଗୁରୁଭା ବିନ୍ଧାଣି, ପି: ଶୁକ ବିନ୍ଧାଣି, ଲାଲମଣୀ ବିନ୍ଧାଣି, ପି: ଭୀମ ବିନ୍ଧାଣି, ନୁପି ବିନ୍ଧାଣି, ପି: ରୋହିଦାସ ବିନ୍ଧାଣି, ଜା: ବିନ୍ଧାଣି, ବା: ନିଜଗାଁ |
| ୩୨ | ୧୨୯ | ୦.୩୩ | ୦.୩୩ | ଡାହି ଏକ | ଯଦୁମଣି ନାଏକ, ସାଧୁ ନାଏକ, ଚିତ୍ତ ନାଏକ, ଇନ୍ଦୁ ନାଏକ, ନୁଣ୍ଟୁ ନାଏକ, ପି: ଲେମ୍ବୁ ନାଏକ, ରାଧାମଣି ନାଏକ, ସ୍ୱା: ଲେମ୍ବୁ ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୧୪୭ | ୦.୧୩ | ୦.୧୩ | ଘରବାରି | |
| | ୬୪୮ | ୦.୨୦ | ୦.୨୦ | ଆଶୁ | |
| | ୬୪୯ | ୦.୨୫ | ୦.୨୫ | ଶାରଦ ତିନି | |
| ୩୭ | ୧୬୩ | ୦.୧୪ | ୦.୧୪ | ଘରବାରି | ଦିନବନ୍ଧୁ ଧିର, ପି: ପଞ୍ଚୁ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୬୧/୭୪୮ | ୦.୧୫ | ୦.୧୫ | ଆଶୁ | |
| ୩୮ | ୧୫୪ | ୦.୦୨ | ୦.୦୨ | ଘରବାରି | ଦୁର୍ଯୋଧନ ଧିର, ଦୁଃଶାସନ ଧିର, ପି: ବୁଧୁ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୫୮ | ୦.୦୮ | ୦.୦୮ | ଘରବାରି | |
| | ୧୭୩ | ୦.୦୩ | ୦.୦୩ | ଘରବାରି | |
| ୩୯ | ୩୭ | ୦.୨୫ | ୦.୨୫ | ଡାହି ଏକ | ଦେଶବନ୍ଧୁ ଧିର, ପି: ଅର୍ଜୁନ ଧିର, ଖଗେଶ୍ୱର ଧିର, ଝରିଆ ଧିର, ପି: ଚକ୍ରଧର ଧିର, ଜା: ପୁରାଣ, ବା: ନିଜଗାଁ |
| | ୩୮ | ୦.୨୫ | ୦.୨୫ | ଡାହି ଏକ | |
| | ୪୦ | ୦.୨୫ | ୦.୨୫ | ଡାହି ଏକ | |
| | ୧୭୦ | ୦.୦୨ | ୦.୦୨ | ଘରବାରି | |
| | ୧୮୨ | ୦.୦୮ | ୦.୦୮ | ଘରବାରି | |
| ୪୦ | ୭୫ | ୦.୩୬ | ୦.୩୬ | ଡାହି ଏକ | ଧନେଶ୍ୱର ନାଏକ, ପି: ଖଡ଼ିଆ ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୧୦୩ | ୦.୦୬ | ୦.୦୬ | ଡାହି ଏକ | |
| | ୧୯୪ | ୦.୦୯ | ୦.୦୯ | ଘରବାରି | |
| | ୧୯୫ | ୦.୧୩ | ୦.୧୩ | ଘରବାରି | |
| | ୫୫୩ | ୦.୨୫ | ୦.୨୫ | ଆଶୁ | |
| ୪୧ | ୩୬ | ୦.୨୫ | ୦.୨୫ | ଡାହି ଏକ | ଧୁନ୍ଦା ଧିର, ପି: କୃତ୍ତି ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୮୧ | ୦.୦୨ | ୦.୦୨ | ଘରବାରି | |
| ୪୨ | ୧୦୯ | ୦.୫୫ | ୦.୫୫ | ଡାହି ଏକ | ନିଶାମଣି ଧିର, ପି: ଅଙ୍କୁର ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୭୭ | ୦.୦୨ | ୦.୦୨ | ଘରବାରି | |
| | ୧୯୧ | ୦.୧୧ | ୦.୧୧ | ଘରବାରି | |
| | ୧୭୨/୭୧୭ | ୦.୦୨ | ୦.୦୨ | ଘରବାରି | |
| ୪୩ | ୧୧୧ | ୦.୧୭ | ୦.୧୭ | ଡାହି ଏକ | ପ୍ରଶନ୍ନ କୁମାର ଧିର, କର୍ପୁଚନ୍ଦ୍ର ଧିର, ଧର୍ମୁଚନ୍ଦ୍ର ଧିର, ପି: ଚୈତନ୍ୟ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୧୫ | ୦.୦୫ | ୦.୦୫ | ଡାହି ଏକ | |
| | ୧୬୮ | ୦.୦୨ | ୦.୦୨ | ଘରବାରି | |
| | ୧୮୮ | ୦.୦୨ | ୦.୦୨ | ଘରବାରି | |
| ୪୫ | ୪୧ | ୦.୩୯ | ୦.୩୯ | ଡାହି ଏକ | ପାଳଉ ନାଏକ, ପି: ଜଗନ୍ନାଥ ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୪୨ | ୦.୭୫ | ୦.୭୫ | ଡାହି ଏକ | |
| | ୧୨୦ | ୦.୪୯ | ୦.୪୯ | ଡାହି ଏକ | |
| | ୧୨୫ | ୦.୩୨ | ୦.୩୨ | ଡାହି ଏକ | |
| | ୧୩୬ | ୦.୧୬ | ୦.୧୬ | ବଗାୟତତିନି | |
| | ୧୪୫ | ୦.୧୧ | ୦.୧୧ | ଘରବାରି | |
| | ୧୪୬ | ୦.୩୧ | ୦.୩୧ | ଘରବାରି | |
| | ୫୬୬ | ୦.୦୭ | ୦.୦୭ | ଶାରଦ ତିନି | |
| | ୬୫୭ | ୦.୧୪ | ୦.୧୪ | ଶାରଦ ଦୁଇ | |
| | ୬୫୮ | ୦.୧୯ | ୦.୧୯ | ଆଶୁ | |
| | ୬୫୯ | ୦.୧୫ | ୦.୧୫ | ଡାହି ଏକ | |
| | ୫୬୭/୮୨୧ | ୦.୧୧ | ୦.୧୧ | ଶାରଦ ତିନି | |
| ୪୬ | ୩୪ | ୦.୩୧ | ୦.୩୧ | ଡାହି ଏକ | ପୁରନ୍ଦର ଧିର, ପି: ଭୁଟା ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୭୪ | ୦.୦୪ | ୦.୦୪ | ଘରବାରି | |
| | ୧୭୯ | ୦.୦୩ | ୦.୦୩ | ଘରବାରି | |
| | ୧୮୬ | ୦.୦୪ | ୦.୦୪ | ଘରବାରି | |
| ୪୮ | ୩୦ | ୦.୨୯ | ୦.୨୯ | ଡାହି ଏକ | ବନମାଳୀ ଧିର, ପି: ନୋକିଆ ଧିର, ଜା: ପୁରାଣ, ବା: ନିଜଗାଁ |
| | ୬୪ | ୦.୧୧ | ୦.୧୧ | ଘରବାରି | |
| ୪୯ | ୭୯ | ୨.୨୨ | ୨.୨୨ | ଡାହି ଏକ | ବାଇଧର ମାଝୀ, ସନାତନ ମାଝୀ, କାପୁରା ମାଝୀ, ପି: ଦାସ ମାଝୀ, ଶୁନି ମାଝୀ, ସ୍ୱା: ଦାସ ମାଝୀ, ରୂପଚାନ୍ଦ ମାଝୀ, ପି: ସୁନ୍ଦର ମାଝୀ, ସମରାଏ ମାଝୀ, ପି: ମୋହନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫୧ | ୨୦୧ | ୦.୦୨ | ୦.୦୨ | ଘରବାରି | ଭଗବାନ ଧଳ, ଈଶ୍ୱର ଚନ୍ଦ୍ର ଧଳ, ପି: ମଡ଼ିଆ ଧଳ, ସାର ଧଳ, ସ୍ୱା: ମଡ଼ିଆ ଧଳ, ଜା: ପୁରାଣ, ବା: ନିଜଗାଁ |
| | ୨୦୬ | ୦.୧୮ | ୦.୧୮ | ଘରବାରି | |
| | ୨୦୮ | ୦.୧୬ | ୦.୧୬ | ଘରବାରି | |
| ୫୨ | ୧୨୨ | ୦.୧୧ | ୦.୧୧ | ଡାହି ଏକ | ଭଦ୍ରା ନାଏକ, ମଧୁସୂଦନ ନାଏକ, ରତନୀ ନାଏକ, ମାଣିକ ନାଏକ, ପି: ଲକ୍ଷ୍ମୀଧର ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୧୩୫ | ୦.୧୮ | ୦.୧୮ | ଡାହି ଏକ | |
| | ୧୫୦ | ୦.୦୫ | ୦.୦୫ | ଘରବାରି | |
| | ୧୫୨ | ୦.୦୭ | ୦.୦୭ | ଘରବାରି | |
| | ୬୪୪ | ୦.୦୫ | ୦.୦୫ | ଡାହି ଏକ | |
| | ୧୨୨/୭୨୪ | ୦.୧୦ | ୦.୧୦ | ଡାହି ଏକ | |
| | ୬୪୫/୭୫୦ | ୦.୦୩ | ୦.୦୩ | ଡାହି ଏକ | |
| | ୧୫୦/୭୫୧ | ୦.୦୫ | ୦.୦୫ | ଘରବାରି | |
| | ୧୫୨/୭୫୨ | ୦.୦୭ | ୦.୦୭ | ଘରବାରି | |
| ୫୩ | ୩୧ | ୦.୧୨ | ୦.୧୨ | ଡାହି ଏକ | ଭୁତୀଆ ଧିର, ଅହଲ୍ୟା ଧିର, କଟି ଧିର, ପି: ଭଗବାନ ଧିର, ଲୋଚନା ଧିର, ସ୍ୱା: ଭଗବାନ ଧିର, ଜା: ପୁରାଣ, ବା: ନିଜଗାଁ |
| | ୬୫ | ୦.୦୪ | ୦.୦୪ | ଘରବାରି | |
| | ୬୬ | ୦.୦୭ | ୦.୦୭ | ଡାହି ଏକ | |
| ୫୪ | ୧୯୮ | ୦.୦୨ | ୦.୦୨ | ଘରବାରି | ଭୋଳାନାଥ ଧଳ, ପି: ଦୟା ଧଳ, ଜା: ପୁରାଣ, ବା: ନିଜଗାଁ |
| | ୨୦୦ | ୦.୦୨ | ୦.୦୨ | ଘରବାରି | |
| | ୨୦୯ | ୦.୧୯ | ୦.୧୯ | ଘରବାରି | |
| ୫୮ | ୭୦୮ | ୨.୩୯ | ୨.୩୯ | ଆଶୁ | ରମେଶ ଚନ୍ଦ୍ର ହାଁସଦା, ପି: ଅନନ୍ତଲାଲ ହାଁସଦା, ଜା: ସାନ୍ତାଳ, ବା: ପଣ୍ଡାଶୁଳ |
| | ୭୦୮/୭୯୫ | ୦.୦୨ | ୦.୦୨ | ଆଶୁ | |
| | ୭୦୮/୭୯୬ | ୦.୦୧ | ୦.୦୧ | ଆଶୁ | |
| ୫୯ | ୧୮୩ | ୦.୦୪ | ୦.୦୪ | ଘରବାରି | ରାଜେନ୍ଦ୍ର ଧୀର, ଇନ୍ଦ୍ର ଧୀର, ଚନ୍ଦ୍ରମଣି ଧୀର, ରସିକ ଧୀର, ତରୁ ଧୀର, କେଦାର ଧୀର, ପି: କୈଳାସ ଧୀର, ଦଶୁ ଧୀର, ସ୍ୱା: କୈଳାସ ଧୀର, ଗୁଡି ଧୀର, ଗେହ୍ଲି ଧୀର, ବିନତା ଧୀର, ପି: ମାର୍କଣ୍ଡ ଧୀର, ଯାତ୍ରୀ ଧୀର, ସ୍ୱା: ମାର୍କଣ୍ଡ ଧୀର, ଜା: ପୁରାଣ, ବା: ନିଜଗାଁ |
| | ୧୮୪ | ୦.୦୩ | ୦.୦୩ | ଘରବାରି | |
| ୬୨ | ୮୩ | ୧.୦୫ | ୧.୦୫ | ଡାହି ଏକ | ରାମଚନ୍ଦ୍ର ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୫ | ୧.୦୯ | ୧.୦୯ | ଡାହି ଏକ | |
| | ୮୩/୮୩୬ | ୦.୧୦ | ୦.୧୦ | ଘରବାରି | |
| ୬୩ | ୮୮ | ୨.୯୩ | ୨.୯୩ | ଡାହି ଏକ | ରାମ ସିଂ, ପି: ଭୁଣ୍ଡା ସିଂ, ଜା: କୋହ୍ଲ, ବା: ପଣ୍ଡାସୋଳ |
| | ୬୫୨ | ୦.୧୫ | ୦.୧୫ | ଶାରଦ ଦୁଇ | |
| | ୬୫୩ | ୦.୨୯ | ୦.୨୯ | ଶାରଦ ତିନି | |
| | ୧୧୬/୭୨୩ | ୦.୧୩ | ୦.୧୩ | ଡାହି ଏକ | |
| ୬୪ | ୧୩୩ | ୦.୧୨ | ୦.୧୨ | ଘରବାରି | ଲକ୍ଷ୍ମୀଧର ନାଏକ, ପି: ଶିବ ନାଏକ, ଜା: ପୁରାଣ, ବା: ନିଜଗାଁ |
| ୬୭ | ୧୧୬ | ୧.୦୮ | ୧.୦୮ | ଡାହି ଏକ | ଶତ୍ରୁଘ୍ନ ନାଏକ, ପି: ସାଧୁ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| ୬୮ | ୧୬୯ | ୦.୦୪ | ୦.୦୪ | ଘରବାରି | ଶତ୍ରୁଘ୍ନ ଧିର, ପି: ରଘୁନାଥ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୮୯ | ୦.୦୨ | ୦.୦୨ | ଘରବାରି | |
| ୭୨ | ୨୫ | ୦.୨୨ | ୦.୨୨ | ଡାହି ଏକ | ସାଧୁ ନାଏକ, ପି: ଲମ୍ବୋଦର ନାଏକ, ଜା: ଭଞ୍ଜପୁରାଣ, ବା: ନିଜଗାଁ |
| ୭୩ | ୨୧୧ | ୦.୦୫ | ୦.୦୫ | ଘରବାରି | ଶୁକଦେବ ନାଏକ, ପି: ପୂର୍ଣ୍ଣଚନ୍ଦ୍ର ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୨୧୨ | ୦.୦୫ | ୦.୦୫ | ଘରବାରି | |
| ୭୪ | ୫୬ | ୦.୩୩ | ୦.୩୩ | ଡାହି ଏକ | ସୁମିତ୍ରା ନାଏକ, କୈକେୟୀ ନାଏକ, ପି: ଦେବ ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୫୯ | ୦.୨୨ | ୦.୨୨ | ଡାହି ଏକ | |
| | ୭୪ | ୦.୫୮ | ୦.୫୮ | ଡାହି ଏକ | |
| | ୭୭ | ୦.୨୧ | ୦.୨୧ | ଡାହି ଏକ | |
| | ୫୫୦ | ୦.୧୮ | ୦.୧୮ | ଶାରଦ ତିନି | |
| | ୫୫୧ | ୦.୨୦ | ୦.୨୦ | ଶାରଦ ତିନି | |
| ୭୫ | ୧୧୭ | ୧.୨୫ | ୧.୨୫ | ଡାହି ଏକ | ସୁରେଇ ମାଝୀ, ଝୁଝୁରା ମାଝୀ, ବାରିଷା ମାଝୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ବିରାମ ମାଝୀ, ପି: ସୁନା ମାଝୀ, ଦୁଲି ମାଝୀ, ସ୍ୱା: ସୁନା ମାଝୀ, ଗୁହ୍ୟା ମାଝୀ, ପି: ସାଇ ମାଝୀ, ସାଇ ମାଝୀ, ପି: ବିରାମ ମାଝୀ, ସନାତନ ମାଝୀ, ଈଶ୍ୱର ଚନ୍ଦ୍ର ମାଝୀ, ପି: ରାମଜିତ୍ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୩୮ | ୦.୨୬ | ୦.୨୬ | ଡାହି ଏକ | |
| | ୧୩୯ | ୦.୨୧ | ୦.୨୧ | ଘରବାରି | |
| | ୧୪୦ | ୦.୦୭ | ୦.୦୭ | ଘରବାରି | |
| | ୧୪୧ | ୦.୧୦ | ୦.୧୦ | ଘରବାରି | |
| | ୧୪୨ | ୦.୪୩ | ୦.୪୩ | ଘରବାରି | |
| ୭୬ | ୩୯ | ୦.୩୨ | ୦.୩୨ | ଡାହି ଏକ | ହରିହର ଧିର, ପି: ଭୁଟୁ ଧିର, ଜା: ଭଞ୍ଜପୁରାଣ, ବା: ନିଜଗାଁ |
| | ୧୮୦ | ୦.୦୨ | ୦.୦୨ | ଘରବାରି | |
| ୭୭ | ୩୩ | ୦.୦୭ | ୦.୦୭ | ଡାହି ଏକ | ହରିହର ଧିର, ପୁରନ୍ଦର ଧିର, ମଙ୍ଗୁଳି ଧିର, ଲକ୍ଷ୍ମୀ ଧିର, ପି: ଭୁଟୁ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୬୫ | ୦.୦୯ | ୦.୦୯ | ଘରବାରି | |
| | ୧୬୬ | ୦.୧୧ | ୦.୧୧ | ଘରବାରି | |
| | ୧୬୭ | ୦.୦୮ | ୦.୦୮ | ଘରବାରି | |
| ୭୯ | ୧୫୬ | ୦.୦୪ | ୦.୦୪ | ଘରବାରି | ହରେଶ ଧିର, ସୁରେନ୍ଦ୍ରନାଥ ଧିର, ପି: ଶିବ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୫୭ | ୦.୦୭ | ୦.୦୭ | ଘରବାରି | |
| ୮୦ | ୧୫୫ | ୦.୦୩ | ୦.୦୩ | ଘରବାରି | ହରେସ ଧିର, ସୁରେନ୍ଦ୍ର ଧିର, କୌଶଲ୍ୟା ଧିର, ଦେବକୀ ଧିର, ପି: ଶିବ ଧିର, ସୂର୍ଯ୍ୟମଣି ଧିର, ସ୍ୱା: ଶିବ ଧିର, ଜା: ପୁରାଣ, ବା: ନିଜଗାଁ |
| | ୧୬୦ | ୦.୦୬ | ୦.୦୬ | ଆଶୁ | |
| | ୧୭୨ | ୦.୦୩ | ୦.୦୩ | ଘରବାରି | |
| ୮୧ | ୩୨ | ୦.୧୧ | ୦.୧୧ | ଡାହି ଏକ | ହାଡ଼ିଆ ଧିର, ପି: କୃର୍ତ୍ତୀ ଧିର, ଜା: ପୁରାଣ, ବା: ନିଜଗାଁ |
| | ୩୫ | ୦.୨୮ | ୦.୨୮ | ଡାହି ଏକ | |
| | ୧୮୫ | ୦.୦୪ | ୦.୦୪ | ଘରବାରି | |
| ୮୨ | ୧୧୯ | ୦.୫୪ | ୦.୫୪ | ଡାହି ଏକ | ହାଡ଼ିଆ ନାଏକ, ପି: ଗଙ୍ଗାଧର ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୧୩୬ | ୦.୧୬ | ୦.୧୬ | ବଗାୟତତିନି | |
| | ୧୪୩ | ୦.୨୧ | ୦.୨୧ | ଘରବାରି | |
| | ୧୪୪ | ୦.୦୮ | ୦.୦୮ | ଘରବାରି | |
| | ୫୬୫ | ୦.୦୬ | ୦.୦୬ | ଶାରଦ ତିନି | |
| | ୬୪୬ | ୦.୦୯ | ୦.୦୯ | ଡାହି ଏକ | |
| | ୬୪୭ | ୦.୧୦ | ୦.୧୦ | ଆଶୁ | |
| | ୬୫୬ | ୦.୧୧ | ୦.୧୧ | ଶାରଦ ଦୁଇ | |
| ୮୩ | ୧୩୦ | ୦.୦୪ | ୦.୦୪ | ଡାହି ଏକ | ହାଡ଼ିବନ୍ଧୁ ନାଏକ, ପ୍ରତାପ ନାଏକ, କୃଷ୍ଣ ନାଏକ, ପି: ମକରଧ୍ୱଜ ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୧୩୧ | ୦.୨୩ | ୦.୨୩ | ଡାହି ଏକ | |
| ୮୪ | ୯୧ | ୦.୩୧ | ୦.୩୧ | ଡାହି ଏକ | ହାଡ଼ିବନ୍ଧୁ ନାଏକ, କୃଷ୍ଣ ନାଏକ, ପ୍ରତାପ ନାଏକ, ଦୁର୍ଗାମଣି ନାଏକ, ପି: ମକର ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୯୨ | ୦.୩୧ | ୦.୩୧ | ଘରବାରି | |
| | ୯୪ | ୦.୦୨ | ୦.୦୨ | ଘରବାରି | |
| | ୯୮ | ୦.୧୨ | ୦.୧୨ | ଘରବାରି | |
| ୮୫ | ୬୨ | ୦.୦୫ | ୦.୦୫ | ଡାହି ଏକ | ହାରାମଣୀ ଥୟାଳ, ପି: କାନ୍ଦରା ନାଏକ, ଜା: ପୁରାଣ, ବା: ନିଜଗାଁ |
| ୮୬ | ୫୭ | ୦.୧୩ | ୦.୧୩ | ଡାହି ଏକ | ହାରାଧନ ଧଳ, ଦୁର୍ଯ୍ୟୋଧନ ଧଳ, ପୂର୍ଣ୍ଣଚନ୍ଦ୍ର ଧଳ, ପି: ଭୋଳାନାଥ ଧଳ, ଜା: ଭଞ୍ଜପୁରାଣ, ବା: ନିଜଗାଁ |
| | ୧୯୯ | ୦.୦୨ | ୦.୦୨ | ଘରବାରି | |
| | ୨୦୭ | ୦.୧୭ | ୦.୧୭ | ଘରବାରି | |
| | ୧୨୬/୮୦୩ | ୦.୪୨ | ୦.୪୨ | ଡାହି ଏକ | |
| ୮୬/୧ | ୩୧/୭୫୭ | ୦.୧୯ | ୦.୧୯ | ଡାହି ଏକ | ନିତ୍ୟାନନ୍ଦ ଭୋଇ, ପି: ବନମାଳୀ ଭୋଇ, ବା: ନିଜଗାଁ |
| ୮୬/୨ | ୨୧୬ | ୦.୧୦ | ୦.୧୦ | ଆଶୁ | ପଣ୍ଡିତ କୁମାର ଧିର, ଛତିଶ କୁମାର ଧିର, ସନ୍ତୋଷ କୁମାର ଧିର, ତକତ ମଣି ଧିର, ବିରଜାମଣି ଧିର, ପି: ଗୁହିନ ଧିର, ଜା: ପୁରାଣ, ବା: ନିଜଗାଁ |
| | ୨୧୭ | ୦.୧୧ | ୦.୧୧ | ଘରବାରି | |
| ୮୬/୩ | ୨୪୨ | ୦.୦୨ | ୦.୦୨ | ଦେବସ୍ଥଳୀ | ଶ୍ରୀକାଳାବଡ଼ାମ ଠାକୁରାଣୀ ବିଜେ ନିଜଗାଁ ସମସ୍ତ, ଗ୍ରାମବାସୀ ପକ୍ଷେ ମାରଫତ, ଶତ୍ରୁଘ୍ନ ନାଏକ, ରଜନୀ ନାଏକ, ପି: ସାଧୁ ନାଏକ, ଜା: ବାଥୁଡ଼ି, ବା: ମୁଣ୍ଡାକଟା |
| ୮୬/୪ | ୮୦ | ୦.୨୯ | ୦.୨୯ | ଘରବାରି | ବୁଧୁ ସିଂ, ପି: କାଳିପଦ ସିଂ, ଜା: ଭୂମିଜ, ବା: ରାଇନ୍ଦା, ଥାନା: ଶୁଳିଆପଦା |
| | ୬୪୪ | ୦.୯୫ | ୦.୯୫ | ଡାହି ଏକ | |
| | ୧୪୧/୭୫୮ | ୦.୧୫ | ୦.୧୫ | ଘରବାରି | |
| ୮୬/୫ | ୧୦୦ | ୦.୨୩ | ୦.୨୩ | ଘରବାରି | ଦୁଃଖିରାମ ଧିର, ପି: କାସି ନାଥ ଧିର, ଜା: ପୁରାଣ, ବା: ଦରଦରା |
| | ୧୦୧ | ୦.୦୮ | ୦.୦୮ | ଘରବାରି | |
| ୮୬/୬ | ୧୨୬/୮୦୪ | ୦.୨୧ | ୦.୨୧ | ଘରବାରି | ସୁଦର୍ଶନ ଧିର, ଦୁର୍ଯ୍ୟୋଧନ ଧିର, କୃଷ୍ଣ ଧିର, ପି: ଗୋଲକ ଚନ୍ଦ୍ର ଧିର, ଜା: ଭଞ୍ଜପୁରାଣ, ବା: ନିଜଗାଁ |
| ୮୬/୭ | ୧୨୬ | ୦.୬୯ | ୦.୬୯ | ଡାହି ଏକ | ଜ୍ଞାନରଞ୍ଜନ ନାଏକ, ମନୋରଞ୍ଜନ ନାଏକ, ରବିରଞ୍ଜନ ନାଏକ, ସଞ୍ଜୟ ନାଏକ, ଫକିର ମୋହନ ନାଏକ, ପି: ଚିନ୍ତାମଣି ନାଏକ, ଜା: ଭଞ୍ଜପୁରାଣ, ବା: ନିଜଗାଁ |
| ୮୬/୮ | ୮୮/୮୦୫ | ୦.୪୮ | ୦.୪୮ | ଡାହି ଏକ | ଜୟରାମ ନାଏକ, ଅଭିରାମ ନାଏକ, ପି: କର୍ପୁ ନାଏକ, ଜା: ଭଞ୍ଜପୁରାଣ, ବା: ନିଜଗାଁ |
| ୮୬/୯ | ୧୨୭/୮୦୬ | ୦.୦୬ | ୦.୦୬ | ଡାହି ଏକ | ପତିତପାବନ ନାଏକ, ପି: ଗଣେଶ୍ୱର ନାଏକ, ଜା: ବାଥୁଡ଼ି, ବା: ସାନନୂଆଗାଁ |
| ୮୬/୧୦ | ୧୧୬/୭୨୩/୮୦୭ | ୦.୨୮ | ୦.୨୮ | ଡାହି ଏକ | ଚାମ୍ପେଇ ହାଁସଦାଃ, ପି: ଦାନ୍ଦୁ ହାଁସଦାଃ, ଜା: ସାନ୍ତାଳ, ବା: କରକଚିଆ |
| ୮୬/୧୧ | ୧୨୮/୮୦୮ | ୦.୩୬ | ୦.୩୬ | ଶାରଦ ତିନି | ଦୁଃଶାସନ ନାଏକ, ପି: ପରମେଶ୍ୱର ନାଏକ, ଜା: ବାଥୁଡ଼ି, ବା: ହାତୀମଡ଼ା |
| ୮୬/୧୨ | ୧୨୮/୮୦୯ | ୦.୪୫ | ୦.୪୫ | ଶାରଦ ତିନି | ସୁରେନ୍ଦ୍ର ନାଏକ, ପି: ଗଣେଶ୍ୱର ନାଏକ, ଜା: ବାଥୁଡ଼ି, ବା: ସାନନୂଆଗାଁ |
| ୮୬/୧୩ | ୬୬୦ | ୦.୫୫ | ୦.୫୫ | ଶାରଦ ତିନି | ସୂର୍ଯ୍ୟମଣି ହାଁସଦାଃ, ସ୍ୱା: ଦାସମାତ ହାଁସଦାଃ, ଗିର୍ତ୍ତି ହାଁସଦାଃ, ବିଜ ହାଁସଦାଃ, ଜବା ହାଁସଦାଃ, ପି: ଦାସମାତ ହାଁସଦାଃ, ଜା: ସାନ୍ତାଳ, ବା: ରଙ୍ଗିଶୋଳ, ଚରଣ ମାଝୀ, ଛିତା ମାଝୀ, ଦହି ମାଝୀ, ସୂର୍ଯ୍ୟମଣି ମାଝୀ, ପି: ମାତାଳ ମାଝୀ, ଜା: ସାନ୍ତାଳ, ବା: ବଡ଼ତିଳୋଉ, ଥା: ଚାନ୍ଦୁଆ |
| | ୬୬୧ | ୦.୮୫ | ୦.୮୫ | ଶାରଦ ଦୁଇ | |
| ୮୬/୧୪ | ୨୯ | ୦.୩୩ | ୦.୩୩ | ଡାହି ଏକ | କୃଷ୍ଣ ନାଏକ, ପି: ମକରଧ୍ୱଜ ନାଏକ, ଜା: ପୁରାଣ, ବା: ନିଜଗାଁ |
| | ୯୦ | ୦.୩୦ | ୦.୩୦ | ଡାହି ଏକ | |
| | ୯୬ | ୦.୪୧ | ୦.୪୧ | ଘରବାରି | |
| | ୧୩୨ | ୦.୨୬ | ୦.୨୬ | ଡାହି ଏକ | |
| | ୨୧୩ | ୦.୧୫ | ୦.୧୫ | ଘରବାରି | |
| ୮୬/୧୫ | ୨୬ | ୦.୨୨ | ୦.୨୨ | ଡାହି ଏକ | ସୀତାମଣି ନାଏକ, ସ୍ୱା: ପ୍ରତାପ ନାଏକ, ଗୁରୁପ୍ରସାଦ ନାଏକ, ପି: ପ୍ରତାପ ନାଏକ, ମନ୍ଦାକିନୀ ରାଜ, ସ୍ୱା: ବନମାଳୀ ରାଜ, ଲୋଚନ ଡୁଙ୍ଗ, ସ୍ୱା: ଅମିନ ଡୁଙ୍ଗ, ଜା: ପୁରାଣ, ବା: ଦରଦରା, ତ୍ରିବେଣୀ ଡୁଙ୍ଗ, ସ୍ୱା: ମନଦେବ ଡୁଙ୍ଗ, ଜା: ପୁରାଣ, ବା: ଧୋବଣିଶୁଳ, ଦୁଖା ଧଳ, ସ୍ୱା: ମାତାଳ ଧଳ, ଜା: ପୁରାଣ, ବା: ଧାଙ୍ଗଡ଼ିଶୋଳ, ଥାନା: ଝାଡ଼ପୋଖରିଆ, ସୁବର୍ଣ୍ଣରାଜ, ସ୍ୱା: ପଞ୍ଚାନନ ରାଜ, ଜା: ପୁରାଣ, ବା: ବାଙ୍ଗରିପୋଷୀ |
| | ୮୯ | ୦.୨୪ | ୦.୨୪ | ଡାହି ଏକ | |
| | ୯୩ | ୦.୦୭ | ୦.୦୭ | ଘରବାରି | |
| | ୯୫ | ୦.୦୪ | ୦.୦୪ | ଘରବାରି | |
| | ୯୭ | ୦.୩୭ | ୦.୩୭ | ଘରବାରି | |
| | ୧୩୦/୮୧୦ | ୦.୨୭ | ୦.୨୭ | ଡାହି ଏକ | |
| | ୨୧୩/୮୧୧ | ୦.୧୨ | ୦.୧୨ | ଘରବାରି | |
| ୮୬/୧୬ | ୧୧୨/୭୪୦ | ୦.୧୮ | ୦.୧୮ | ଡାହି ଏକ | କର୍ପୁ ଧିର, ପି:ଚୈତନ୍ୟ ଧିର, ଜା: ଭଞ୍ଜପୁରାଣ, ବା: ନିଜଗାଁ, ଥାନା: ଚାନ୍ଦୁଆ |
| ୮୬/୧୭ | ୧୧୪ | ୦.୦୬ | ୦.୦୬ | ଡାହି ଏକ | ଅର୍ଜୁନ କୁମାର ଧିର, ପି: ସନାତନ ଧିର, ଜା: ଭଞ୍ଜପୁରାଣ, ବା: ନିଜଗାଁ, ଥାନା: ଚାନ୍ଦୁଆ |
| ୮୬/୧୮ | ୧୦୩/୮୧୨ | ୦.୧୫ | ୦.୧୫ | ଡାହି ଏକ | ବଳରାମ ଧିର, ଅଙ୍କୁର କୁମାର ଧିର, ପି: ଗୟାପ୍ରସାଦ ଧିର, ଜା: ଭଞ୍ଜପୁରାଣ, ବା: ନିଜଗାଁ |
| ମୋଟ | ୨୧୮ ପ୍ଲଟ | ଏ. ୫୦.୭୫ ଡେ.ମି. | ଏ. ୫୦.୭୫ ଡେ.ମି. | | |

24001/14/0224/1920

